# ସର୍ବହରା କ୍ରାନ୍ତି

ସୋସାଲିଷ୍ଟ ୟୁନିଟି ସେଣ୍ଟର ଅଫ୍ ଇଣ୍ଡିଆ(କମ୍ୟୁନିଷ୍ଟ) ● ଓଡ଼ିଆ ମୁଖପତ୍ର - ପାକ୍ଷିକ ● ପୂର୍ବତନ ମୁଖ୍ୟ ସମ୍ପାଦକ-କମ୍ରେଡ୍ ତାପସ ଦତ୍ତ● ମୂଲ୍ୟ-୫ଟଙ୍କା

VOL NO. - 12, ISSUE NO. - 03, DATE : 01.02.2025 - 15.02.2025 FORTNIGHTLY (ODIA), BHUBANESWAR. PAGES-08


## ଟଙ୍କାର ଅବମୂଲ୍ୟାୟନ, ଦେଶର ସାଧାରଣ ଲୋକଙ୍କର ଦୟନୀୟ ଅବସ୍ଥା ଓ କେନ୍ଦ୍ର ବିଜେପି ସରକାର

ଅତୀତର ସମସ୍ତ ରେକର୍ଡ ଭାଙ୍ଗି, ଟଙ୍କାର ମୂଲ୍ୟ ସର୍ବ ନିମ୍ନ ସ୍ତରରେ ପହଂଚି ଅବାଞ୍ଛିତ ରେକର୍ଡ କରି ଚାଲିଛି। ଗତ ଦଶବର୍ଷ ମଧ୍ୟରେ ମାର୍କିନ ଡଲାର ପିଛା ଭାରତୀୟ ଟଙ୍କା ୫୪.୭୮ ଟଙ୍କାରୁ ଖସି ଚଳିତ ମାସ ଜାନୁଆରୀ ୧୩ ତାରିଖରେ ୮୬.୫୯ ଟଙ୍କାରେ ପହଂଚିଛି। ଟଙ୍କାର ଏହି ଧରଣର ଅବମୂଲ୍ୟାୟନରେ ଭାରତର ରିଜର୍ଭ ବ୍ୟାଙ୍କଠାରୁ ଆରମ୍ଭକରି ଅର୍ଥନୀତି ସଂପର୍କରେ ସାମାନ୍ୟ ଜ୍ଞାନ ଥିବା ବ୍ୟକ୍ତି ବିବ୍ରତ ଓ ଆଶଙ୍କିତ ହେଉଥିବା ବେଳେ ପ୍ରଧାନମନ୍ତ୍ରୀ ଏ ବିଷୟରେ ପାଟି ଖୋଲୁ ନାହାନ୍ତି, ବିକଶିତ ଭାରତର ଢୋଲ ପିଟୁଛନ୍ତି। ଏଠାରେ ଆମେ ପାଠକ ମାନଙ୍କୁ ସ୍ମରଣ କରାଇ ଦେବାକୁ ଚାହୁଁ ଯେ କଂଗ୍ରେସ ନେତୃତ୍ୱରେ ପରିଚାଳିତ ଉପା ସରକାରର ଶାସନ କାଳରେ ଭାରତୀୟ ଟଙ୍କାର ଅବମୂଲ୍ୟାୟନ ଘଟିବା ସମୟରେ ଗୁଜୁରାଟର ତତ୍କାଳୀନ ମୁଖ୍ୟମନ୍ତ୍ରୀ ନରେନ୍ଦ୍ର ମୋଦି ଏହାର ତୀବ୍ର ସମାଲୋଚନା କରିଥିଲେ। ସେତେବେଳେ ମୋଦି କହିଥିଲେ ଟଙ୍କା ଯଦି ଏହି ଭଳି ଭାବରେ ଦୁର୍ବଳ ହୁଏ ତା'ହେଲେ ଭାରତର ବ୍ୟବସାୟୀ ମାନେ ମାରାତ୍ମକ କ୍ଷତିର ସମ୍ମୁଖୀନ ହେବେ। ଦେଶର ଅର୍ଥନୀତି ଭୁଷୁଡି ପଡିବ। ଦେଶର ସାଧାରଣ ଲୋକ ହାହାକାର କରିବେ। ସେ ଆହୁରି କହିଥିଲେ କେନ୍ଦ୍ର ସରକାରର ଅପାରଗତା ପାଇଁ ହିଁ ଭାରତୀୟ ଟଙ୍କା ମାର୍କିନ ଡଲାର ତୁଳନାରେ ଦୁର୍ବଳ ହେଉଛି। ମାତ୍ର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ବର୍ତ୍ତମାନ ଭାରତୀୟ ଟଙ୍କାର ଏହି ଧରଣର ମାରାତ୍ମକ ଅବମୂଲ୍ୟାୟନ ଚାଲିଥିଲା ବେଳେ ସଂପୂର୍ଣ୍ଣ ନିରବ। କେନ୍ଦ୍ର ଅର୍ଥମନ୍ତ୍ରୀ ନିଜର ସ୍ୱଭାବ ସୁଲଭ ଢଙ୍ଗରେ କହିଛନ୍ତି ଯେ ଭାରତୀୟ ଟଙ୍କାର ମୂଲ୍ୟ କମି ନାହିଁ ଡଲାର ମଜଭୁତ ହେଉଛି। ପିଆଜ ଦର ବୃଦ୍ଧି ବେଳେ ତାଙ୍କର "ମୁଁ ପିଆଜ ଖାଏନାହିଁ" ଉକ୍ତି ଭଳି ଏହା ମଧ୍ୟ ଏକ ଐତିହାସିକ ଉକ୍ତି।

ଟଙ୍କା ଦେଇ ଆମେ ତେଲ ଲୁଣ, ଡାଲି ଚାଉଳ, ଗାଡି ମଟର ଇତ୍ୟାଦି ସବୁକିଛି ବଜାରରୁ କିଣୁ। ଆମ ଦେଶରେ ପ୍ରତ୍ୟେକ ଜିନିଷର ମୂଲ୍ୟ ଟଙ୍କାରେ ନିର୍ଦ୍ଧାରିତ କରାଯାଇଥାଏ। ଧରାଯାଉ ମାଛ କିଲୋ ୨୦୦ ଟଙ୍କା ଓ ଚାଉଳ କିଲୋ ୫୦ ଟଙ୍କା। ଅର୍ଥାତ୍ ଆମେ ଗୋଟେ କିଲୋ ମାଛ ଦେଇ ୪ କିଲୋ ଚାଉଳ ପାଇ ପାରିବା। ଦୁଇଟି ଜିନିଷର ଏଭଳି ମୂଲ୍ୟ ଭିତ୍ତିକ ବିନିମୟ ଟଙ୍କା ମାଧ୍ୟମରେ ହେଉଥିବାରୁ ଟଙ୍କାକୁ ବିନିମୟର ମାଧ୍ୟମ (Medium of Exchange) କୁହାଯାଏ।

ପୂର୍ବରୁ ଦେଶ ବିଦେଶରେ ସୁନା ରୂପା ଭଳି ଧାତୁରେ ନିର୍ମିତ ମୁଦ୍ରା ପ୍ରଚଳିତ ଥିଲା। ଦେଶ ଭିତରେ ଓ ଦେଶ ବାହାରେ ବେପାର ବଣିଜ କରିବାରେ ଅସୁବିଧା ନଥିଲା, ଗୋଟେ ଦେଶର ମୁଦ୍ରା ଅନ୍ୟ ଦେଶରେ ଗ୍ରହଣୀୟ ହେଉଥିଲା। କିନ୍ତୁ ଗୋଟିଏ ସ୍ଥାନରୁ ଅନ୍ୟ ସ୍ଥାନକୁ ବହୁ ପରମାଣର ମୁଦ୍ରା ବୋହି ନେବା ଅସୁବିଧା ଜନକ ହେବାରୁ କାଗଜ ଟଙ୍କାର ଉଦ୍ଭାବନ ହେଲା। ପୃଥିବୀର ସବୁ ଦେଶରେ ଏବେ କାଗଜ ଟଙ୍କା ପ୍ରଚଳିତ ହେଉଛି, ଯାହାର ନିଜସ୍ୱ ମୂଲ୍ୟ (Intrinsic Value) କିଛି ନାହିଁ। ଟଙ୍କା ଛପା ହେଉଥିବା କାଗଜର ମୂଲ୍ୟ ଯାହା ହେଉନା କାହିଁକି ଏହାର ପ୍ରକୃତ ମୂଲ୍ୟ ଥାଏ ଏହି ଟଙ୍କାର ଆଇନଗତ ମାନ୍ୟତା ପାଇଁ।

କାଗଜ ଟଙ୍କାରେ ସରକାରଙ୍କ ର ପ୍ରତିଶ୍ରୁତି ଥାଏ ଯେ କେହି ଏହି ଟଙ୍କା ଦେଲେ ସେହି ମୂଲ୍ୟର ସୁନା କିମ୍ବା ସୁନା ଜମା ଦେଲେ ସେହି ମୂଲ୍ୟର ଟଙ୍କା ପାଇବେ। ଏଥିପାଇଁ କାଗଜ ଟଙ୍କାକୁ ଅଙ୍ଗୀକାର ସୂଚକ ରୋକଡ (Promisory Note) କୁହଯାଏ।

ଜିନିଷ ପତ୍ରର ମୂଲ୍ୟ ସିନା ଆମେ ଟଙ୍କାରେ କହିଥାଉ; ଟଙ୍କାର ମୂଲ୍ୟ ପୁଣି କ'ଣ? ପ୍ରଥମତଃ ଏହା ଟଙ୍କାର ଜିନିଷ ପତ୍ରର କ୍ରୟ କ୍ଷମତା (Purchasing Power of Commodity)କୁ ବୁଝାଏ ଓ ଦ୍ୱିତୀୟରେ ଏହା ଅନ୍ୟ ଦେଶର ମୁଦ୍ରା (Currency) କୁ କିଣିବାର କ୍ଷମତାକୁ (Purchasing Power of Foreign Currency)କୁ ମଧ୍ୟ ବୁଝାଏ।

କୌଣସି ଜିନିଷ ର ଦାମ୍ ବଢ଼ିଗଲେ ଟଙ୍କା ର କ୍ରୟ କ୍ଷମତା ର ହ୍ରାସ ଘଟେ। ଉଦାହରଣ ସ୍ୱରୂପ ଦଶବର୍ଷ ତଳେ ସୋରିସ ତେଲ ଲିଟର ୮୦ ଟଙ୍କା ଥିଲା, ଏବେ ଲିଟର ୧୮୦ ଟଙ୍କା। ଅର୍ଥାତ୍ ଆଜିର ଦରରେ ସେହି ୮୦ ଟଙ୍କାରେ ମାତ୍ର ୪୪୪ ମିଲିଲିଟର ତେଲ କିଣି ହେବ। ସେମିତି ବିଦେଶୀ ମୁଦ୍ରା ର ଦାମ୍ ବଢି ଗଲେ ଟଙ୍କା (Rupee) ର କ୍ରୟ କ୍ଷମତା ହ୍ରାସ ଘଟେ। ଅର୍ଥାତ୍ କିଣୁଥିବା ଜିନିଷର ଦାମ୍ ବଢ଼ିଗଲେ ଟଙ୍କାର କ୍ରୟ କ୍ଷମତା ହ୍ରାସ ବା ମୂଲ୍ୟ ହ୍ରାସ ଘଟେ। ଏଠାରେ ଦୁଇଟି ପ୍ରଶ୍ନ ଆସେ : ଦରଦାମ୍ କାହିଁକି ବଢେ ଓ ଟଙ୍କାରେ ସିନା ଆମେ ବ୍ୟବହାର୍ଯ୍ୟ ଜିନିଷ ପତ୍ର ବା ସେବା କିଣୁ କିନ୍ତୁ ଅନ୍ୟ ଦେଶର ଟଙ୍କା କିଣିବାର ଆବଶ୍ୟକତା କ'ଣ? ଆମ ଦେଶରେ ପ୍ରଚଳିତ ପୁଞ୍ଜିବାଦୀ ଅର୍ଥନୀତିର ମୂଳ ଉଦ୍ଦେଶ୍ୟ ହେଉଛି ଲାଭ, ସର୍ବୋଚ୍ଚ ସମ୍ଭବ ଲାଭ ଅର୍ଜନ। ପୁଞ୍ଜିବାଦୀ ଅର୍ଥନୀତିରେ ଉତ୍ପାଦନ ଓ ଉତ୍ପାଦନର ସାଧନର ମାଲିକ ହେଉଛନ୍ତି ଏକଚାଟିଆ ପୁଞ୍ଜିପତି ଶ୍ରେଣୀ। ଦରଦାମ ସେମାନେ ସ୍ଥିର କରନ୍ତି; ତାରି ଭିତରେ ଚୋରି ହୋଇଯାଏ ଶ୍ରମିକର ଶ୍ରମ ଶକ୍ତିର ଏକାଂଶ। ଏହି ଚୋରିକୁ ଯୋଗାଣ ଓ ଚାହିଦା (Supply and Demand)

(ଅବଶିଷ୍ଟାଂଶ ୬ଷ୍ଠ ପୃଷ୍ଠାରେ)

## କେନ୍ଦ୍ର ସରକାରଙ୍କୁ ବଣିକ ସଭା ଦେଇଥିବା ପରାମର୍ଶ ଦେଶର ଅର୍ଥନୈତିକ ସଙ୍କଟ ଦୂର କରି ପାରିବ ନାହିଁ

ଦେଶୀୟ ଶିଳ୍ପପତିମାନଙ୍କ ସଂଗଠନ ସିଆଇଆଇ(Confederation Of Indian Industries)ସମ୍ପ୍ରତି ଦେଶର ସାଧାରଣ ଲୋକଙ୍କ କ୍ରୟ କ୍ଷମତା ବୃଦ୍ଧି କରିବା ପାଇଁ ସେମାନଙ୍କୁ ନଗଦ ଅର୍ଥ ଯୋଗାଣ ଲକ୍ଷ୍ୟରେ କେନ୍ଦ୍ର ସରକାରଙ୍କୁ ଅନେକ ଗୁଡିଏ ପରାମର୍ଶ ଦେଇଛନ୍ତି । ତା ମଧ୍ୟରେ ରହିଛି ଦେଶର ଗରିବ ମଣିଷଙ୍କ ପାଇଁ ବର୍ଷରେ ଅନ୍ତତଃ ୧୦୦ ଦିନ କାମ ଯୋଗାଇବା, ସର୍ବନିମ୍ନ ଦୈନିକ ମଜୁରି ୨୬୭ ରୁ ବଢାଇ ୩୭୫ ଟଙ୍କା କରିବା, ପିଏମ କିଷାନ ଟଙ୍କା ବର୍ଷରେ ଛଅ ହଜାରରୁ ବଢାଇ ଆଠ ହଜାର କରିବା, ପେଟ୍ରୋଲ-ଡିଜେଲ ଉପରେ କେନ୍ଦ୍ର ଆଉ ରାଜ୍ୟ ସରକାର ନେଉଥିବା ଟିକସ କମ କରିବା, ୨୦ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ବ୍ୟକ୍ତିଗତ ରୋଜଗାର ଉପରେ ଆୟକର ହ୍ରାସ କରିବା, ସ୍ୱଳ୍ପ ଆୟ କରୁଥିବା ବ୍ୟକ୍ତିମାନଙ୍କୁ ନିର୍ଦ୍ଦିଷ୍ଟ କିଛି ପଣ୍ୟ ପରିସେବାରେ ଖର୍ଚ୍ଚ କରିବା ପାଇଁ ବିଶେଷ ଭାଉଚର ଦେବା, ପିଏମ ଆବାସ ଯୋଜନାରେ ଆର୍ଥିକ ସହାୟତା ପରିମାଣ ବୃଦ୍ଧି କରିବା ସହ ଆହୁରି ଅନେକ ପରାମର୍ଶ।

ପରାମର୍ଶ ଶୁଣି ଅବାକ ହେଉଛନ୍ତି କି? ଭାବୁଛନ୍ତି ହଠାତ ପୁଞ୍ଜିପତିମାନଙ୍କ ସଂଗଠନ ସରକାରଙ୍କୁ ଜନହିତରେ ଏପରି କାମ କରିବାକୁ କହୁଛନ୍ତି କାହିଁକି? କଣ ପାଇଁ ପୁଞ୍ଜିପତିମାନେ ହଠାତ ଜନଦରଦୀ ହୋଇ ଉଠିଲେ? ଗରିବ ମଣିଷଙ୍କ ପାଇଁ ଏତେ ସହାନୁଶୀଳ ହୋଇ ଉଠିଲେ? ଆପାତତଃ ଏଭଳି ମନେ ହେଲେ ମଧ୍ୟ ପ୍ରକୃତରେ ଏହା ସତ୍ୟ ନୁହେଁ। ଅସଲ କଥାଟା ହେଲା ପୁଞ୍ଜିପତିମାନେ ମହା ସମସ୍ୟା ଭିତରେ ପଡିଛନ୍ତି। ସେମାନଙ୍କ ଦ୍ୱାରା ଉତ୍ପାଦିତ ପଣ୍ୟ ତାଙ୍କର ଆବଶ୍ୟକତା ଅନୁଯାୟୀ ବିକ୍ରି ହେଉ ନାହିଁ। ବଜାର ମାନ୍ଦା। ଲୋକମାନଙ୍କର କ୍ରୟ କ୍ଷମତା ଧରାଶାୟୀ। ଲୋକଙ୍କ ହାତରେ ଭୋଗ୍ୟ ପଣ୍ୟ କିଣିବା ପାଇଁ ପର୍ଯ୍ୟାପ୍ତ ସମ୍ବଳ ନାହିଁ। ନିତ୍ୟ ପ୍ରୟୋଜନୀୟ ଜିନିଷର ଏତେ ମାତ୍ରାରେ ମୂଲ୍ୟ ବୃଦ୍ଧି ହୋଇଛି ଯେ ଅନ୍ନ ସଂସ୍ଥାନ ପାଇଁ ମଣିଷ ହନ୍ତସନ୍ତ ହେଉଛି। ଔଷଧର ଦାମ ମାତ୍ରାଧିକ ବଢି ଚାଲିଛି। ବଢିଚାଲିଛି ଶିକ୍ଷା ସହ ଆନୁସଙ୍ଗିକ ବ୍ୟୟ ଭାର। ଏହିସବୁ ଖର୍ଚ୍ଚ ସାରିଲାବେଳକୁ ମଣିଷ ହାତରେ ଭୋଗ୍ୟ ପଣ୍ୟ କିଣିବା ପାଇଁ ଆଉ ସମ୍ବଳ ରହୁ ନାହିଁ। ଏ ସବୁ ବିଷୟରେ ଆମେ ସର୍ବହରା କ୍ରାନ୍ତିରେ ପୂର୍ବରୁ ପ୍ରକାଶ କରିଛୁ। ଯାହାଫଳରେ ପଣ୍ୟ ଉତ୍ପାଦନକାରୀ ଶିଳ୍ପ ସଂସ୍ଥା ମାନେ ତାଙ୍କ ପଣ୍ୟ ବିକ୍ରି ହ୍ରାସ ପାଉଥିବାରୁ ଉଦ୍‌ବିଗ୍ନ। କାରଣ, ଗୋଟିଏ ଦିଗରେ ରୋଜଗାର ସୀମିତ ଏବଂ ଅନ୍ୟ ଦିଗରେ ଜିନିଷପତ୍ରର ଦାମ ବୃଦ୍ଧି।

ଯେତେବେଳେ ପ୍ରଧାନମନ୍ତ୍ରୀଙ୍କ ସହ ବିଜେପିର ବିଭିନ୍ନ ନେତା ଦେଶ ବିଦେଶରେ ନାନା ସଭାରେ ଦେଶର ବିପୁଳ ଜିଡ଼ିପି ବୃଦ୍ଧିର ଗଳ୍ପ ଶୁଣାଉଛନ୍ତି, ଆଉ ଭାରତ କେତେ ଦ୍ରୁତ ପଂଚମ ଅର୍ଥନୈତିକ ଶକ୍ତିରୁ ତୃତୀୟ ଅର୍ଥନୈତିକ ଶକ୍ତିରେ ପରିଣତ ହେଉଛି ତାର ବର୍ଣ୍ଣନା କରୁଛନ୍ତି, ସେତେବେଳେ ଦେଶର ଜନଗଣଙ୍କ କ୍ରୟ କ୍ଷମତା ଏମିତି ରସାତଳଗାମୀ ହେଉଛି କାହିଁକି? ଏହାର କାରଣ ହେଉଛି ରୋଜଗାର ବଢୁଛି ସମାଜର ଉପରେ ଥିବା ଏକଚାଟିଆ ପୁଞ୍ଜିପତିମାନଙ୍କର। ସାଧାରଣ ଲୋକଙ୍କ ପାଖରେ ତାହା ଅପହଂଚ। ଜନଗଣଙ୍କ ଆୟ ବୃଦ୍ଧି ନ ହେଲେ ଭୋଗ୍ୟ ପଣ୍ୟର ବିକ୍ରି ବଢିବ ନାହିଁ। କାରଣ ସାଧାରଣ ମଣିଷର ଆୟ ବୃଦ୍ଧି ହେଲେ ହିଁ ଭୋଗ୍ୟ ପଣ୍ୟ ପଛରେ ବ୍ୟୟ ଯେଉଁ ହାରରେ ବଢେ, ଧନୀ ମାନଙ୍କ ଆୟ ବୃଦ୍ଧି ଫଳରେ ସେହି ହାରରେ ବଢେ ନାହିଁ। ତା ଛଡା ଦେଶରେ ଧନୀ ମାନଙ୍କ ତୁଳନାରେ ଗରିବ ଖଟିଖିଆ ଜନସାଧାରଣଙ୍କ ସଂଖ୍ୟା ଖୁବ ବେଶୀ।

(ଅବଶିଷ୍ଟାଂଶ ୩ୟ ପୃଷ୍ଠାରେ)

## ଏଆଇୟୁଟିୟୁସିର ନେତୃତ୍ୱରେ କର୍ଣ୍ଣାଟକର ଆଶାକର୍ମୀମାନଙ୍କର ଐତିହାସିକ ବିଜୟ







ସଠିକ ନେତୃତ୍ୱରେ ଅପୋଷହୀନ ଲଢେଇ, ଆନ୍ଦୋଳନ ହିଁ ଯେ ଦାବି ଆଦାୟ କରିବାର ଏକମାତ୍ର ରାସ୍ତା- ଏହି କଥାକୁ ପୁଣିଥରେ କର୍ଣ୍ଣାଟକର ଆଶାକର୍ମୀମାନେ ପ୍ରମାଣିତ କରିଛନ୍ତି। ଏଆଇୟୁଟିୟୁସି ସହବନ୍ଧିତ କର୍ଣ୍ଣାଟକ ରାଜ୍ୟ ସଂଯୁକ୍ତ ଆଶାକର୍ମୀ ସଂଘର ଆହ୍ୱାନରେ ଆଶାକର୍ମୀମାନେ ରାଜ୍ୟବ୍ୟାପୀ ଧର୍ମଘଟ ଓ ଚାରିଦିନ ଧରି ଲଗାତର ବିକ୍ଷୋଭ ପ୍ରଦର୍ଶନ କରି ଉଦାସୀନ ସରକାର ନିକଟରୁ ସେମାନଙ୍କର ଦୀର୍ଘଦିନର ଅପୂରିତ ଦାବିକୁ ଆଦାୟ କରିପାରିଛନ୍ତି।

(ଅବଶିଷ୍ଟାଂଶ ୩ୟ ପୃଷ୍ଠାରେ)

### ଭିତର ପୃଷ୍ଠାରେ


★ ଦାଦନ ଦୁର୍ଦ୍ଦଶା ବିକାଶର ଭିନ୍ନ କଥା କୁହେ
★ ନୂତନ ଜାତୀୟ କୃଷି ବଜାର ନୀତି ସଂପର୍କିତ ଚିଠା କାର୍ଯ୍ୟତଃ ବାତିଲ ହୋଇଥିବା ତିନୋଟି ଜନବିରୋଧୀ, କୃଷକ ବିରୋଧୀ କଳା ଆଇନର ପୁନଃ ପ୍ରବର୍ତ୍ତନ
★ ଏଆଇଡିଏସ୍‌ଓର ଉଦ୍ୟୋଗରେ ରାଜ୍ୟବ୍ୟାପୀ ନେତାଜୀ ଜୟନ୍ତୀ ପାଳିତ
★ ପ୍ରିପେଡ୍ ସ୍ମାର୍ଟ ବିଦ୍ୟୁତ ମିଟର ପ୍ରଚଳନ ପ୍ରତିବାଦରେ ରାଜ୍ୟର ବିଭିନ୍ନ ସ୍ଥାନରେ ବିକ୍ଷୋଭ

# ଦାଦନ ଦୁର୍ଦ୍ଦଶା ବିକାଶର ଭିନ୍ନ କଥା କୁହେ

"**କାଣା** କରମିରେ ପୁତା, ନାଇଁ କଲେ ନାଇଁ ଚଲେ। ସଭେ ଦେଶ ଯାଇଛନ। ମଲା ବେଲକେ ସେମାନକେ ଦେଖି ପାରମି କି ନାଇଁ, କେ ଜାନେ?"

ଜଣେ ଅସ୍ଥି କଙ୍କାଳ ସାର ବୃଦ୍ଧା ଥର ଥର ହାତରେ ପୋଇ ସାଗ କେରାଏ ପନିକିରେ କାଟୁଥାଏ ଆଉ କମ୍ପିତ କଣ୍ଠରେ, ଲୋତକ ଭରା ଆଖିରେ ଏହି କଥା କହୁଥାଏ। କହିଲାବେଳେ ତାର ଛାତି ଯେମିତି ଫାଟି ପଡୁଥାଏ। ଏହାର ଠିକ ଦୁଇ ତିନିଦିନ ପରେ ତା' ମୁଣ୍ଡ ଉପରେ ଆକାଶଟା ସତେ ଯେମିତି ଫାଟି ପଡିଲା, ଯେତେବେଳେ ତାର ଜୁଆନ ପୁଅର ଶବ ତା ଭଙ୍ଗା ଘର ଦୁଆରେ ପହଞ୍ଚିଲା। ବୁଢ଼ୀ ମଲାବେଳେ ପୁଅ ମୁହଁ ଦେଖି ପାରିବ କି ନାହିଁ ଭାବୁଥିଲା, ଏବେ ସେ ନିଜେ ତା ପୁଅର ମଲା ମୁହଁ ଦେଖୁଛି। ବଲାଙ୍ଗୀର ଜିଲ୍ଲାର ଏକ ଗାଁର ଏହା ଏକ ହୃଦୟବିଦାରକ ଦୃଶ୍ୟ। ତେବେ ଏହିଭଳି ବେଦନାଭରା ଘଟଣା ବଲାଙ୍ଗୀର ସମେତ ସମସ୍ତ ଦାଦନ ପ୍ରବଣ କେବିକେ ଜିଲ୍ଲା(ଅବିଭକ୍ତ କଳାହାଣ୍ଡି, ବାଲାଙ୍ଗୀର, କୋରାପୁଟ), ଅବିଭକ୍ତ ସମ୍ବଲପୁର, ଗଞ୍ଜାମ ଆଦି ଜିଲ୍ଲାମାନଙ୍କରେ ଯେମିତି ନିତି ଦିନିଆ ସାଧାରଣ ଘଟଣା ହୋଇଯାଇଛି। ବର୍ତ୍ତମାନ ତ ଦାଦନ ସିଜିନ ବା ଦାଦନ ଋତୁ ଚାଲିଛି। ସେହି ଗ୍ରୀଷ୍ମ ଋତୁରେ ଯେମିତି ଗଛସବୁ ପତ୍ର ଶୂନ୍ୟ ହୋଇଯାଏ, ନଈ-ପୋଖରୀ ଶୁଖିଯାଏ, ମାଟି ଫାଟି ଆଁ କରେ, ଠିକ ସେମିତି ସେହି ନିଦାଘ ଗ୍ରୀଷ୍ମର ଦାରୁଣ ଦୃଶ୍ୟ ସମସ୍ତ ଦାଦନ ପ୍ରପୀଡିତ ଗାଁମାନଙ୍କରେ ଆଜି ଦେଖିବାକୁ ମିଳୁଛି। ଗାଁ ଆଜି ଜନମାନବ ଶୂନ୍ୟ ମଶାଣି ପଦା ଭଳି ଠିଆ ହୋଇଛି। କାଁ ଭାଁ କିଛି ବୁଢାବୁଢୀ ଆତ ଯାତ ହେଉଛନ୍ତି। ଗତ ବିଧାନସଭାରେ ରାଜ୍ୟ ଉପମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂହଦେଓ କହିଛନ୍ତି, ଓଡିଶାର ୩୦ଟି ବ୍ଲକ୍‌ରୁ ୧କୋଟି ରୁ ଉର୍ଦ୍ଧ୍ୱ ଲୋକ ପଳାୟନ କରିଛନ୍ତି, ଦାଦନ ଖଟିବାକୁ ବାହାର ରାଜ୍ୟକୁ ଯାଉଛନ୍ତି। ଏହି ତଥ୍ୟ ସମସ୍ତଙ୍କୁ ଚମକାଇ ଦେଇଛି। ପ୍ରଶ୍ନ ଉଠାଇଛି, ଏହା କ'ଣ ବିକଶିତ ଭାରତ, ବିକଶିତ ଓଡିଶାର ନମୁନା? ତେବେ ଏହା ଆମ ପାଇଁ ଗର୍ବର ବିଷୟ ବା ଲଜ୍ଜାର ବିଷୟ, ଏ ସଂପର୍କରେ ମନ୍ତ୍ରୀ ମହୋଦୟ କିଛି କହିନାହାନ୍ତି। ବୋଧହୁଏ ଜନସାଧାରଣଙ୍କ ଉପରେ ଏ ପ୍ରଶ୍ନଟିକୁ ସେ ଛାଡି ଦେଇଛନ୍ତି।

**ପ୍ରଚାର ଯା ବି ହେଉ, ବାସ୍ତବତା ଅତି କରୁଣ**

ସରକାରଙ୍କ ସ୍ୱୀକାରୋକ୍ତି, ଗଣମାଧ୍ୟମରେ ସରକାରୀ ଯୋଜନାର ପ୍ରଚାର ଯା ବି ହେଉ, ବାସ୍ତବ ଚିତ୍ର କିନ୍ତୁ ଅତି କରୁଣ। ସମସ୍ୟା ଦିନକୁ ଦିନ ଭୟାବହ ରୂପ ନେଇ ଚାଲିଛି। ଗଣମାଧ୍ୟମରେ ପ୍ରକାଶିତ ହେଉଥିବା ଖବର ଏକ ଝଲକ ମାତ୍ର। ଗ୍ରାମାଞ୍ଚଳ ଏପିରିକି ସହରାଞ୍ଚଳରେ ଗ୍ରାଉଣ୍ଡ ସର୍ଭେ କଲାବେଳେ ଯେଉଁ ଲୋମଟାଙ୍କୁରା ଦୃଶ୍ୟ ଦେଖିବାକୁ ମିଳେ ତା ବର୍ଣ୍ଣନାତୀତ। ୨୦୦୯ ମସିହାରେ ତତ୍‌କାଳୀନ ବିଜେଡି-ବିଜେପି ମିଳିତ ସରକାର ସମୟରେ ବଲାଙ୍ଗୀର ଜିଲ୍ଲାର ଖପ୍ରାଖୋଲ ବ୍ଲକ୍‌ର ଚାବ୍ରିପାଲି ଗାଁରେ ଏକ ମାସ ମଧ୍ୟରେ ଦାଦନ ଝିଣ୍ଟୁ ବରିହା, ତାର ସ୍ତ୍ରୀ ବିମଳା, ୫ବର୍ଷର ପୁତ୍ର ରାମ ପ୍ରସାଦର ୬ମାସର କନ୍ୟା କମଳୀର ମର୍ମାନ୍ତିକ ମୃତ୍ୟୁ ସମଗ୍ର ଦେଶରେ ଚର୍ଚ୍ଚାର ବିଷୟ ହୋଇଥିଲା। ସେଦିନର ରାଜ୍ୟ ସରକାର ମଧ୍ୟ ଘୋଷଣା କରିଥିଲେ, ଏଭଳି ପଦକ୍ଷେପ ଓ ଯୋଜନାମାନ ନିଆଯିବ ଯଦ୍ଦ୍ୱାରାକି ଆଉ ଝିଣ୍ଟୁ ବରିହା ସୃଷ୍ଟି ହେବେ ନାହିଁ। ଦିନ ଗଡିଚାଲିଲା। ପ୍ରତିଶ୍ରୁତିର ବନ୍ୟା ବି ବହିଚାଲିଲା। ଯୋଜନାର ଅଭାବ ନାହିଁ, ମାତ୍ର ଆଜି ସ୍ଥିତି କ'ଣ? ଅତି ସାଂଘାତିକ। କିଛି ସଦ୍ୟ ଘଟଣାର ଉଦାହରଣ ଦିଆଯାଇପାରେ। ଦାଦନ ଗଡ ଭାବେ ପରିଚିତ ବଲାଙ୍ଗୀର ଜିଲ୍ଲାର ଅତି ଦାଦନ ପ୍ରବଣ ଅଂଚଳ ପାଟଣାଗଡ ବିଧାନସଭାର ବରିଷ୍ଠ ବିଧାୟକ ଓ ବର୍ତ୍ତମାନର ଉପମୁଖ୍ୟମନ୍ତ୍ରୀ କେ.ବି ସିଂହଦେଓଙ୍କ ଅଧ୍ୟକ୍ଷତାରେ ଗତ ୧୪ ଅକ୍ଟୋବର ୨୦୨୪ ଦିନ ୨୦ ଜଣିଆ ଏକ ଉଚ୍ଚ କ୍ଷମତା ବିଶିଷ୍ଟ ଟାସ୍କ ଫୋର୍ସ ଗଠନ ହୋଇଥିବା କଥା ଲୋକେ ଜାଣିଲେ। ବହୁ ସାନ୍ତ୍ୱନା ଓ ଆଶ୍ୱସନା ବାଣୀ ମଧ୍ୟ ଶୁଣିଲେ। ମାତ୍ର ତା' ପରମାସ ୨୦୨୪ ନଭେମ୍ବରରୁ ଡିସେମ୍ବର ମାସ ମଧ୍ୟରେ କେବଳ ବଲାଙ୍ଗୀର ଜିଲ୍ଲାର ଟିଟିଲାଗଡ ଓ ପାଟଣାଗଡ ବ୍ଲକ୍‌ର ୧୦ଜଣ ଶ୍ରମିକଙ୍କ ଶବ ଗାଁକୁ ଫେରିଛି। ଗତ ଡିସେମ୍ବର ୧୬ତାରିଖ ଦିନ ପାଟଣାଗଡ ବ୍ଲକ୍‌ର କୁଆଁ ବାଉଁଶ ଗ୍ରାମର ରାଏମଣୀ ମାଝୀ ସ୍ୱାମୀ ଶିବ ମାଝୀଙ୍କ କ୍ଷତବିକ୍ଷତ ମୃତ ଶରୀର ଧରି ଗାଁକୁ ଫେରିଛି। ଡିସେମ୍ବର ୧୭ତାରିଖରେ ଖପ୍ରାଖୋଲ ବ୍ଲକ୍ ଟେଙ୍ଗରାପଥର ଗାଁର ୨୦ବର୍ଷର ଜଣେ ଯୁବକର ଶବ ଗାଁକୁ ଫେରିଛି। ନବ ବର୍ଷ ପାଳନ ଚାଲୁଥିବାବେଳେ ଖବର ମିଳିଲା, ବଲାଙ୍ଗୀର ସହର ତଳି ବସ୍ତିର ୨୫ରୁ୨୬ବର୍ଷୀୟ ଦୁଇ ଜଣ ଯୁବକଙ୍କୁ ନିର୍ମମଭାବେ ହତ୍ୟା କରାଯାଇ ଆନ୍ଧ୍ର ପ୍ରଦେଶର କେଉଁ ଟ୍ରେନ୍ ଲାଇନ ତଳେ ଫିଙ୍ଗି ଦିଆଯାଇଛି। ପ୍ରତିଦିନ ଏହିଭଳି ହତ୍ୟା, ମୃତ୍ୟୁ, ନିର୍ଯାତନାର ଖବର ଆଂଚଳିକ ସ୍ତରରେ ଗଣମାଧ୍ୟମରେ ପ୍ରକାଶିତ ହେଉଛି। ସମଗ୍ର ରାଜ୍ୟର ଖବର ମିଳିବା କଷ୍ଟ। ପ୍ରସଙ୍ଗତଃ ଉଲ୍ଲେଖ କରାଯାଇପାରେ, ଏହି ଟାସ୍କ ଫୋର୍ସ କୌଣସି ସଦସ୍ୟ ବା ଏହାର ଅଧକ୍ଷ କେଉଁ ପରିବାରକୁ ଏପରିକି ଅଧକ୍ଷ ଉପମୁଖ୍ୟମନ୍ତ୍ରୀ ନିଜ ନିର୍ବାଚନ ମଣ୍ଡଳୀର କୌଣସି ମୃତକ ବା କ୍ଷତିଗ୍ରସ୍ତ ପରିବାରକୁ ସାକ୍ଷାତ କରିଛନ୍ତି କି, ସାଧାରଣ ସାନ୍ତ୍ୱନାମୂଳକ କଥା ପଦୁଟିଏ କହିଛନ୍ତି କି? ଅନୁକମ୍ପା ମୂଳକ ସାହାଯ୍ୟ ଘୋଷଣା ବା ପ୍ରଦାନ କରିବା ତ ଦୂରର କଥା। ଏ ହେଉଛି ଆମର ଜନ ଦରଦୀ ଜନତାର ସରକାରର ଅସଲ ଚରିତ୍ର। ପ୍ରସଙ୍ଗତଃ, ଆଉ ଏକ ଘଟଣା ଉଲ୍ଲେଖ କରାଯାଇପାରେ, ଉପମୁଖ୍ୟମନ୍ତ୍ରୀଙ୍କ ପାଟଣାଗଡ ନିର୍ବାଚନ ମଣ୍ଡଳୀର ବେଲପଡା ବ୍ଲକ୍‌ର କିନ୍ଧିଟାଲ ଗ୍ରାମର ଜନୈକା ଗରିବ ମହିଳା ସେହି ୨୦୧୭ ମସିହାରୁ ଦାଦନ ଖଟିବାକୁ ଯାଇ ନିଖୋଜ ହୋଇଯାଇଥିବା ନିଜର ସ୍ୱାମୀର ଫେରନ୍ତା ପଥକୁ ଚାହିଁ ରହି ଆଖିରୁ ଲୁହ ଗଡାଉଛି। ନ୍ୟାୟ ପାଇଁ ଜିଲ୍ଲା ପ୍ରଶାସନ ପାଖରୁ ଆରମ୍ଭ କରି କେତେ ମନ୍ତ୍ରୀ ବିଧାୟକଙ୍କ ଦ୍ୱାରସ୍ଥ ହୋଇ କିଭଳି ଅପମାନିତା ଓ ଲାଞ୍ଛିତା ହୋଇ ଫେରିଛି, ସେହି କରୁଣ କାହାଣୀ ଏବେ ବି ସେ କାନ୍ଦି କାନ୍ଦି ଶୁଣାଉଛି। ଏହି ସରକାର ଓ ବିଭିନ୍ନ ଭୋଟ ସର୍ବସ୍ୱ ଦଳମାନେ ଯେ ଦରିଦ୍ର ଅସହାୟ ଲୋକଙ୍କ ପ୍ରତି କେତେ ସମ୍ବେଦନହୀନ, ଏମାନେ ଯେ ଏମାନଙ୍କର ପ୍ରକୃତ ମୁନିବ ଲୁଟିଖିଆ ମାଲିକମାନଙ୍କ ସ୍ୱାର୍ଥରେ ରାତିଦିନ ବ୍ୟସ୍ତ, ଏକଥା ବୁଝାଇ କହିବା ବା କ'ଣ ଦରକାର, ଲୋକେ ତ ମର୍ମେ ମର୍ମେ ଏହା ଅନୁଭବ କରୁଛନ୍ତି।

**ଅମାନୁଷିକ ନିର୍ଯାତନାର ଶେଷ ନାହିଁ**

ବିଭିନ୍ନ ସୂତ୍ରରୁ ଜଣାପଡେ, ଆଜକୁ ବହୁ ଦଶନ୍ଧି ପୂର୍ବରୁ ଏହି ଅମାନବିକ ଦାଦନ ପ୍ରଥା ଆରମ୍ଭ ହୋଇଛି। ବିଭିନ୍ନ ରାଜ୍ୟର ଲୋକେ ନିଜ ଅଂଚଳରେ କାମ ଧନ୍ଦା ନପାଇ ଅଥବା କେହି କେହି ଉଚ୍ଚ ମଜୁରି, ଉନ୍ନତ ମାନର ଜୀବନ ଯାପନ ଆଶାରେ ବା ସ୍ଥାୟୀ କାମ ଅନ୍ୱେଷଣରେ ବାହାର ରାଜ୍ୟକୁ କାମ କରି ଯା'ନ୍ତି। ଏମାନଙ୍କୁ ପ୍ରବାସୀ ଶ୍ରମିକ କୁହାଯାଏ। ମାତ୍ର ଦାଦନ ଶ୍ରମିକ ହେଲେ ସେହି ପ୍ରବାସୀ ଶ୍ରମିକ ଯେଉଁମାନଙ୍କୁ ଦାଦନ ସର୍ଦ୍ଦାର କୁହାଯାଉଥିବା ମାଲିକର ଦଲାଲମାନେ ପ୍ରଥମେ ଅଗ୍ରୀମ ଟଙ୍କା ଦେଇ ବାହାର ରାଜ୍ୟକୁ, ଅଥବା ନିଜ ରାଜ୍ୟର ଅନ୍ୟ ଅଂଚଳକୁ ପଠାଇଥାନ୍ତି। ବର୍ତ୍ତମାନ ତ ବିଦେଶକୁ ବି ଶ୍ରମିକ ଚାଲାଣ ହୋଇଛି। ଏହି ପ୍ରଥା ଅତ୍ୟନ୍ତ ଘୃଣ୍ୟ ପ୍ରଥା ଯାହା ସରକାରୀ ଆଇନର ସ୍ୱୀକୃତି ପାଇ ଚାଲିଛି। ଏହି ଶ୍ରମିକମାନେ ସାଧାରଣତଃ ଆନ୍ଧ୍ରପ୍ରଦେଶ, ତେଲେଙ୍ଗାନା, କର୍ଣ୍ଣାଟକ, କେରଳ, ତାମିଲନାଡୁ, ଗୁଜୁରାଟ ଆଦି ରାଜ୍ୟକୁ ଯାଇ ଇଟା ଭାଟି ବା କାରଖାନାରେ ଇଟା ଗଢନ୍ତି, ଅନ୍ୟାନ୍ୟ କାରଖାନାର କିଛି କିଛି କାମ କଲେ ବି ମୂଳତଃ ଇଟା ତିଆରି କରନ୍ତି। ହଜାର ଇଟା ପ୍ରତି କମିଶନ ଟଙ୍କା ଦାଦନ ସର୍ଦ୍ଦାରମାନଙ୍କୁ ମାଲିକ ପକ୍ଷରୁ ମିଳିଥାଏ। ପ୍ରାୟ ନଭେମ୍ବରରୁ ଜୁଲାଇ, ୮ରୁ ୯ମାସ କାମ କରିବାକୁ ପଡିଥାଏ। ଏହି ସମୟକୁ ଦାଦନ ସିଜିନ ବା ଦାଦନ ଋତୁ କୁହାଯାଇଥାଏ। ଗୋଟିଏ ସିଜିନରେ ସର୍ଦ୍ଦାରମାନେ ଜଣକୁ ୪୦ରୁ ୫୦ହଜାର ଟଙ୍କା ଅଗ୍ରିମ ଦେଇଥାନ୍ତି। ଗୋଟିଏ ସିଜିନରେ ୪ରୁ୫ ଲକ୍ଷ ଇଟା ତିଆରି କରିବାକୁ ଏମାନେ ବାଧ୍ୟ। ଶେଷରେ ମାଲିକମାନେ ଇଟା ହଜାର ପ୍ରତି ୩୫୦ରୁ ୪୦୦ଟଙ୍କା ହିସାବ କରି ଅଗ୍ରିମ ଟଙ୍କା ସହିତ ମିଳାଇ ଦେଖନ୍ତି। ଯଦି ଅଗ୍ରିମ ଟଙ୍କାଠାରୁ ହିସାବ କମ୍ ହୁଏ ଅର୍ଥାତ୍ ଶ୍ରମିକମାନଙ୍କ ଉପରେ ଟଙ୍କା ରହିଯାଏ, ତେବେ ଅତ୍ୟାଚାରୀ ମାଲିକମାନେ ସେମାନଙ୍କୁ ପୁଣି ଖଟାଇବେ। ଯଦି ବା କେହି ଲୁଚି ଛପି ଗାଁକୁ ପଳାଇ ଆସିଥିବେ, ତେବେ ଦାଦନ ସର୍ଦ୍ଦାରମାନେ ଗୁଣ୍ଡା ଲଗାଇ ମାରପିଟ କରି ସେହି ଟଙ୍କା ଅସୁଲ କରନ୍ତି, ଅଥବା ପରବର୍ତ୍ତୀ ସିଜିନରେ ଯିବା ପାଇଁ ସେମାନଙ୍କୁ ବାଧ୍ୟ କରିବା ନିମିତ୍ତ ଷ୍ଟାମ୍ପ ପେପରରେ ଦସ୍ତଖତ କରାଇ ନିଅନ୍ତି। ଅନ୍ୟପଟରେ ଯଦି ଅଗ୍ରିମ ଟଙ୍କା ଅପେକ୍ଷା ଅଧିକା ଇଟା ଶ୍ରମିକମାନେ ଗଡିଥାନ୍ତି ତେବେ ମାଲିକମାନେ ପ୍ରାୟତଃ ସେହି ଟଙ୍କା ଦେବାକୁ ଅସ୍ୱୀକାର କରନ୍ତି। ଶ୍ରମିକମାନେ ଯୋର ଜବରଦସ୍ତି କଲେ ସେମାନଙ୍କୁ ସେମାନେ ବା ସେମାନଙ୍କ ଦଲାଲ ସର୍ଦ୍ଦାରମାନେ ଅମାନୁଷିକ ନିର୍ଯାତନା ଦେଇଥାନ୍ତି। ସାଧାରଣତଃ ଦାଦନ ଶ୍ରମିକମାନେ ସପରିବାର ଏପରିକି ନବ ବିବାହିତ ଦମ୍ପତି, ଶିଶୁ, ଗର୍ଭବତୀ ମହିଳାମାନେ ମଧ୍ୟ କାମ କରିବାକୁ ଯାଇଥାନ୍ତି, ଏହି ସମୟରେ ଗାଁ ଗୁଡିକ ଜନମାନବ ଶୂନ୍ୟ ହୋଇଯାଏ। ଦୁଇ ଚାରିଜଣ ଅତି ବୁଢା ବୁଢୀ ବା ଅକର୍ମଣ୍ୟ ଲୋକ ଅସହାୟ ଅବସ୍ଥାରେ ଗାଁରେ ପଡି ରହିଥାନ୍ତି। ଦାଦନ ଶ୍ରମିକମାନେ ପିଲା ଛୁଆ ସହ ଧାର୍ଯ୍ୟ ଇଟା ଗଡିବା ପାଇଁ ପାଗଳ ଭଳି ଲାଗି ପଡିଥାନ୍ତି। କୁନି କୁନି ପିଲାମାନେ ମଧ୍ୟ ସେମାନଙ୍କ ସାନ ସାନ ପାଦ ଓ ହାତରେ କାଦୁଅ ଚକଟନ୍ତି। ଇଟା ଗଢାରେ ବାପା-ମା'ଙ୍କୁ ସାହାଯ୍ୟ କରନ୍ତି, ପାଠ ପଢା ଏମାନଙ୍କ ପାଇଁ ସ୍ୱପ୍ନ। ବହୁ ଗର୍ଭବତୀ ନାରୀ ସେହି କାଦୁଆ ମାଟିରେ ସନ୍ତାନ ପ୍ରସବ କରନ୍ତି, ଚିକିତ୍ସା ବିନା ଓ ଅସ୍ୱାସ୍ଥ୍ୟକର ପରିବେଶରେ ବହୁ ମା' ଓ ସଦ୍ୟଜାତ ଶିଶୁ ସନ୍ତାନର ମୃତ୍ୟୁ ମଧ୍ୟ ହୁଏ। ରହିବା ପାଇଁ ସେମିତି କୌଣସି ଘର ନଥାଏ, କଂଚ୍ଚା ଇଟାର କାନ୍ଥ ଉପରେ ଖଣ୍ଡେ ଖଣ୍ଡେ ଟିଣ ଚାଦର ବା ଆଜବେଷ୍ଟସ୍ ଓହଳାଇ ଦିଆଯାଇଥାଏ। ଭୋର ୫ଟାରୁ ରାତି ୨ଟା ଯାଏ ବେଳେ ବେଳେ ଏହାଠୁ ଅଧିକ ସମୟ ଏମାନେ କାମ କରନ୍ତି। ଅତି ବେଶୀରେ ଦୁଇ ତିନି ଘଣ୍ଟା ଶୋଇବା ହୁଏ। ବେଳେ ବେଳେ ଶୋଇବା ପାଇଁ ବି ସମୟ ମିଳେନା। ମୁଣ୍ଡ ଫଟା ଖରାରେ କାମ କରିବାକୁ ପଡେ, ଶୋଷରେ ପାଟି ଶୁଖିଗଲେ ବି ପାଣି ପିଇବା ବା ଖାଇବା ପାଇଁ ମଧ୍ୟ ସମୟ ନଥାଏ। ଶୁଦ୍ଧ ପାନୀୟ ଜଳ ମିଳିବା ଏଠି ସ୍ୱପ୍ନ। କାମ କଲାବେଳେ କେହି ମରିଗଲେ ବା ଅକର୍ମଣ୍ୟ ହୋଇଗଲେ କ୍ଷତିପୂରଣ ତ ମିଳେନା, ବରଂ ଅଗ୍ରୀମ ଟଙ୍କା ଅନୁଯାୟୀ ଏହି ଅବସ୍ଥାରେ ବି ପରିବାରର ଅନ୍ୟାନ୍ୟ ସଭ୍ୟ ମାନଙ୍କୁ ଇଟା ଗଡିବାକୁ ଓ ଅନ୍ୟାନ୍ୟ କାମ କରିବାକୁ ବାଧ୍ୟ କରାଯାଏ। ମନା କଲେ ମାର ପିଟ କରାଯାଏ, ବେଳେବେଳେ ଅପହରଣ ଓ ହତ୍ୟା ବି କରାଯାଏ। ଦେଶର କୌଣସି ଆଇନ କାନୁନ ଏଠି କାମ କରେନା। ଇଟା ଭାଟି ଅଂଚଳ ଜେଲ ଖାନାଠାରୁ ବି ଆହୁରି ନିର୍ମମ। ମାଲିକର ଗୁଣ୍ଡାବାହିନୀ ଛୁରି, ତଲୱାର, ହଣ୍ଟର ଭଳି ଅସ୍ତ୍ରଶସ୍ତ୍ର ଧରି କ୍ୟାମ୍ପ ଗୁଡିକୁ ଦିନରାତି ଜଗି ରହିଥାନ୍ତି। ସେମାନଙ୍କୁ ବାହାରର ଏପରିକି ସମ୍ପର୍କୀୟ ମାନଙ୍କ ସହିତ ମଧ୍ୟ ସାକ୍ଷାତ କରିବାକୁ ଦିଆଯାଏନା। ବହୁ ଦାଦନ ଶ୍ରମିକ ଗାଁକୁ ଫେରି ନିଜ ଦେହର କ୍ଷତ ସ୍ଥାନଗୁଡିକ ଦେଖାଇ ସେହି ନିର୍ଯାତନାର କରୁଣ କାହାଣୀ ବର୍ଣ୍ଣନା କରନ୍ତି। ମହିଳା ଦାଦନ ଶ୍ରମିକମାନେ ଜଘନ୍ୟ ଭାବେ ଯୌନଶୋଷଣର ଶୀକାର ହୁଅନ୍ତି। ସବୁ ନୀରବରେ ସହିଯିବାକୁ ବାଧ୍ୟ ହୁଅନ୍ତି। ସଂପ୍ରତି ସମ୍ବଲପୁର ବିଶ୍ୱ ବିଦ୍ୟାଳୟର(ଉତ୍କର୍ଷ କେନ୍ଦ୍ର) ଆଂଚଳିକ ବିକାଶ ଓ ଜନଜାତି ଅଧ୍ୟୟନ କେନ୍ଦ୍ରର ଏକ ରିପୋର୍ଟ ଅନୁଯାୟୀ, କାର୍ଯ୍ୟକ୍ଷେତ୍ର ଓ ରହିବା ସ୍ଥାନରେ ସର୍ବନିମ୍ନ ସ୍ୱଚ୍ଛତାର ଅଭାବ ଯୋଗୁ ୨୧ ପ୍ରତିଶତ ଦାଦନ ଶ୍ରମିକଙ୍କ ଜୀବନ ଯାଇଛି। ଏହି ରିପୋର୍ଟ ସଂପର୍କରେ ରାଜ୍ୟ ସରକାର ଓ ପ୍ରଶାସନର ନୀରବତା ପ୍ରମାଣ କରୁଛି ଯେ ସେମାନେ ଏହି ସତ୍ୟକୁ ଅସ୍ୱୀକାର କରିପାରି ନାହାନ୍ତି। ବର୍ତ୍ତମାନ ଦାଦନ ପ୍ରବଣ ଜିଲ୍ଲାମାନଙ୍କରେ କ୍ୱାରେଣ୍ଟାଇନ ସେଣ୍ଟରମାନ ଦେଖିବାକୁ ମିଳୁଛି। ଏଠାରେ ଡାଇରିଆ ରୋଗୀଙ୍କର ଭିଡ। ଖବର ଅନୁଯାୟୀ ବର୍ତ୍ତମାନ ଇଟା ଭାଟି ଅଂଚଳରେ ଡାଇରିଆ ବ୍ୟାପିଛି। ଗଣମାଧ୍ୟମରେ ପ୍ରକାଶିତ ହୋଇଛି, ଆନ୍ଧ୍ର ପ୍ରଦେଶର ଏକ ଇଟାଭାଟିରେ କାର୍ଯ୍ୟରତ ନୂଆପଡା ଜିଲ୍ଲାର ୩୦ ଜଣ ଦାଦନ ଶ୍ରମିକ ଡାଇରିଆରେ ଆକ୍ରାନ୍ତ ହୋଇ ମୃତ୍ୟୁ ସହ ସଂଗ୍ରାମ କରୁଛନ୍ତି। ଇତିମଧ୍ୟରେ ଜଣେ ୨୧ବର୍ଷୀୟ ଯୁବ ଶ୍ରମିକର ମୃତ୍ୟୁ ହୋଇଯାଇଛି। ଅନ୍ୟାନ୍ୟ ଜିଲ୍ଲାରେ ମଧ୍ୟ ଏହିଭଳି ମୃତ୍ୟୁ ଖବର ପ୍ରକାଶିତ ହୋଇଛି। କିଛି ଶ୍ରମିକ କାମ କଲାବେଳେ ହଠାତ୍ ଛାତି ଓ ପେଟରେ ଅକଥନୀୟ ଯନ୍ତ୍ରଣା ଅନୁଭବ କରି ମୃତ୍ୟୁମୁଖରେ ପଡିଥିବାର ଖବର ମଧ୍ୟ ଆସିଛି। ଆଉ ଏକ ହୃଦୟଥରା ଖବର ହେଲା, ଜଣେ ଦାଦନ ଶ୍ରମିକର ଅଚାନକ ମୃତ୍ୟୁ ହୋଇଗଲା। ଫଳରେ ସେ ନେଇଥିବା ଅଗ୍ରିମ ୮୦ ହଜାର ଟଙ୍କା ଅସୁଲ କରିବା ପାଇଁ ଇଟାଭାଟି ମାଲିକ ତାର ୧୨ବର୍ଷର ଝିଅକୁ ବନ୍ଧକ ରଖିଛି। ବହୁ ପ୍ରତିବନ୍ଧକତା ମଧ୍ୟରେ ଖୁବ କମ ଖବର ହିଁ ଲୋକଲୋଚନକୁ ଆସୁଛି। ଅବସ୍ଥା ଯେ ଆହୁରି ଶୋଚନୀୟ ଏହା ସମସ୍ତେ ହିଁ ପ୍ରାୟ ବୁଝୁଛନ୍ତି।

**ଇଟା ଗଢାର ନୂତନ ପ୍ରକ୍ରିୟା ଅବସ୍ଥାକୁ ଆହୁରି ଶୋଚନୀୟ କରିଛି**

୨୦୦୩-୨୦୦୪ ମସିହାରେ ଇଟା ଗଡିବାର ନୂତନ ପ୍ରକ୍ରିୟା ଚାଲୁହେବା ପୂର୍ବରୁ ବି ମାଲିକମାନେ ବିଭିନ୍ନ ଉପାୟରେ ନାନା ବାହାନା ଦେଖାଇ ଦାଦନ ଶ୍ରମିକମାନଙ୍କ ଉପରେ ଅତ୍ୟାଚାର କରୁଥିଲେ, ସେମାନଙ୍କୁ ପଶୁଭଳି ଖଟାଉଥିଲେ। ଯେମିତି ଇଟା ଠିକ ଭାବେ ହେଉ ନାହିଁ, ସୁନ୍ଦର ହେଉ ନାହିଁ ଆଦି କଥା କହି ନିସ୍ତୁକ ମାଡ ମାରୁଥିଲେ। ଏପରିକି କିଛି ଇଟା ଭାଟି ତଳେ ମାରି ପୋତି ଦେଇ ନିଖୋଜ ବୋଲି ଘୋଷଣା କରୁଥିଲେ। ଏହା ଏବେ ବି ଚାଲିଛି। ତେବେ ୨୦୦୩-୨୦୦୪ ପୂର୍ବରୁ ଓଜନ ଇଟାଭାଟି ପ୍ରଥାରେ ଇଟା ତିଆରି ହେଉଥିଲା, ଯେଉଁଥିରେ କି ଶ୍ରମିକମାନେ ନିଜେ ମାଟି ଖୋଳି କାଦୁଅ କରି ଇଟା ତିଆରି କରୁଥିଲେ। ସକାଳୁ ରାତି ପର୍ଯ୍ୟନ୍ତ କାମ କରି ବି ବିଶ୍ରାମ ପାଇଁ କିଛିଟା ସମୟ ବାହାର କରିପାରୁଥିଲେ। ମାତ୍ର ୨୦୦୪ ମସିହା ପରେ ଇଟା କାରଖାନାରେ ଇଟା ତିଆରି ପ୍ରକ୍ରିୟା ବଦଳିଗଲା। ମାଲିକମାନେ ୪୦ରୁ ୨୦ଫୁଟ କ୍ଷେତ୍ରଫଳ ଆକାରର ଓ ୪ଫୁଟ ଉଚ୍ଚତାର ଟାଙ୍କି ତିଆରି କରି ସେଥିରେ ଟ୍ରାକ୍ଟରରେ ମାଟି, ଧାନ ଅଗାଡିର ପାଉଁଶ, ପାଣି ପକାଇ ଦିଅନ୍ତି ଓ ଟ୍ରାକ୍ଟରରେ ଲୁହା ଚକ ଲଗାଇ କାଦୁଅ କରାଇଥାନ୍ତି। ଟ୍ରାକ୍ଟର ଦ୍ରୁତ କାଦୁଅ ତିଆରି କରି ଚାଲେ ଓ ସେହି ଗତି ସହିତ ତାଳ ଦେଇ ଶ୍ରମିକମାନେ ମେସିନ ଭଳି ଇଟା ଗଡି ଚାଲନ୍ତି। ଫଳରେ ଖାଇବା, ପିଇବା, ଶୋଇବା ଏପରିକି ସାମାନ୍ୟ ବିଶ୍ରାମ ନେବା ପାଇଁ ବି ସମୟ ମିଳେନା। ଏହି ପ୍ରକ୍ରିୟା ଚାଲୁ ହେବା ପରେ ରୋଗଗ୍ରସ୍ତ ଓ ଶ୍ରମିକ ମୃତ୍ୟୁ ସଂଖ୍ୟା ବଢି ବଢି ଚାଲିଛି ଆଉ ମାଲିକର ଲାଭ ହୁ ହୁ ହୋଇ ବଢିଚାଲିଛି। ଏଠି ଆଇନର କିଛି କର୍ତ୍ତୃତ୍ୱ ନ ଥାଏ। କାରଣ, ଏହି ଦାଦନ ସର୍ଦ୍ଦାରମାନେ ଦାଦନ ଚାଲାଣ

(ଅବଶିଷ୍ଟାଂଶ ୩ୟ ପୃଷ୍ଠାରେ)

## ଦାଦନ ଦୁର୍ଦ୍ଦଶା . . .

(୨ୟ ପୃଷ୍ଠାର ଅବଶିଷ୍ଟାଂଶ)

ପାଇଁ ଲାଇସେନ୍ସ କରିଥାନ୍ତି। ଫଳରେ ସେମାନେ ଯେମିତି ଏହି ଅତ୍ୟାଚାର କରିବାକୁ ସରକାର ଓ ପ୍ରଶାସନ ଦ୍ୱାରା ସ୍ୱୀକୃତିପ୍ରାପ୍ତ। ବେଳେବେଳେ ଜନରୋଷ ଚାପରେ ପୋଲିସ ପ୍ରଶାସନ ଏମାନଙ୍କୁ ମିଛି ମିଛିକା ଗିରଫ କରନ୍ତି, ତେବେ ଶୀଘ୍ର ହିଁ ଛାଡି ଦିଅନ୍ତି। ଏ ଅତ୍ୟାଚାର ତ ସେହି ବର୍ବର କ୍ରୀତଦାସ ପ୍ରଥାଠାରୁ ବି କୌଣସି ଗୁଣରେ କମ ନୁହେଁ।

**ଦାଦନ ଉଦ୍ଧାର ଦୋଷ ଢାଙ୍କିବାର ଏକ ଅଭିନବ ପ୍ରକ୍ରିୟା**

ଆଉ ଏକ ବିଷୟ ହେଲା, ପ୍ରାୟତଃ, ଗଣମାଧ୍ୟମରେ ଫଟୋ ସହ ପ୍ରକାଶିତ ହୁଏ, ଅମୁକ ଷ୍ଟେସନରୁ ଏତେ ସଂଖ୍ୟକ ଦାଦନ ଶ୍ରମିକଙ୍କୁ ପୋଲିସ ଓ ପ୍ରଶାସନ ମିଳିତ ଭାବେ ଉଦ୍ଧାର କରିଛି। ତେବେ ଏହା କି ପ୍ରକାର ଉଦ୍ଧାର? ପ୍ରଶାସନ ଏହି ଗରିବ ଶ୍ରମିକମାନଙ୍କୁ ଆଣି କେବଳ ଘରେ ଅସହାୟ ଅବସ୍ଥାରେ ପହଞ୍ଚାଇ ଦେଇ ଛାଡି ପଳାନ୍ତି। ଏମାନଙ୍କ ପାଇଁ ବଂଚିବାର କୌଣସି ବ୍ୟବସ୍ଥା, ଖାଦ୍ୟର ବ୍ୟବସ୍ଥା, ଚିକିତ୍ସାର ବ୍ୟବସ୍ଥା, ଏମାନଙ୍କ ପୁଅ ଝିଅଙ୍କ ପାଇଁ ପାଠ ପଢିବାର କୌଣସି ବ୍ୟବସ୍ଥା କରନ୍ତି କି? ଅସଲ କଥା ହେଲା, ଏହା ପଛରେ ଲାଇସେନ୍‌ସଧାରୀ ସ୍ୱୀକୃତିପ୍ରାପ୍ତ ଦାଦନ ସର୍ଦ୍ଦାର, ପୋଲିସ, ପ୍ରଶାସନ ତଥା ଗାଁରେ ଥିବା ଏମାନଙ୍କର ଏଜେଣ୍ଟ ମାନଙ୍କ ମଧ୍ୟରେ ଏକ ବୁଝାମଣା ଥାଏ। ପୋଲିସ ପ୍ରଶାସନିକ ଅଧିକାରୀମାନେ ବି ଏହି ସୁଯୋଗରେ ବେଶ ଦୁଇ ପଇସା କମାଇଥାନ୍ତି। କାରଣ ଏହି ଶ୍ରମିକମାନେ ହୁଏତ ନିଜସ୍ୱ ଉଦ୍ୟୋଗରେ ବା ଅଣସ୍ୱୀକୃତିପ୍ରାପ୍ତ ସର୍ଦ୍ଦାରମାନଙ୍କ ଜରିଆରେ ବାହାରକୁ ଯିବାକୁ ଉଦ୍ୟମ କରିଥାନ୍ତି ଯାହା କି ପ୍ରଚଳିତ ଆଇନ ଆଖିରେ ବେଆଇନ। ଏହା ଯେତେ ଅମାନବିକ ହେଲେ ବି ବେଆଇନ କାର୍ଯ୍ୟ ହେବାକୁ ସରକାରୀ ପୋଲିସ ଓ ପ୍ରଶାସନ କିଭଳି ଅନୁମତି ଦେବେ? ଏହା ହିଁ ସେମାନଙ୍କର ଦାଦନ ଉଦ୍ଧାର!

**ଏତେ ଅତ୍ୟାଚାର ସତ୍ତ୍ୱେ ଏମାନେ କାହିଁକି ଦାଦନ ଯାଆନ୍ତି?**

କିଛି ସରକାରୀ ଭାଟ ବୁଦ୍ଧିଜୀବୀ ଓ ବିଭ୍ରାନ୍ତ ବ୍ୟକ୍ତି ଯୁକ୍ତି କରନ୍ତି, ଏତେ ଅତ୍ୟାଚାର ସତ୍ତ୍ୱେ ଏମାନେ ଦାଦନ ଖଟିବାକୁ କାହିଁକି ଯାଉଛନ୍ତି? ମରୁଛନ୍ତି, ପୁଣି ବି ଯାଉଛନ୍ତି? ଏହି ତଥାକଥିତ ବୁଦ୍ଧିଜୀବୀ ମାନଙ୍କୁ କ'ଣ ବା ଉତ୍ତର କରାଯିବ? କୌଣସି ଲୋକେ ଖୁସିରେ ଯାଏ ନାହିଁ। ସଂପ୍ରତି ବରଗଡ ଜିଲ୍ଲାର ଜଣେ ଦାଦନ ଶ୍ରମିକ ଗଣମାଧ୍ୟମ ସାମ୍ନାରେ କୋହଭରା କଣ୍ଠରେ କହିଛନ୍ତି- "ମୁଁ ଛୋଟ ଚାଷୀ। ମାତ୍ର ୨ ଏକର ଜମିରେ ଧାନ ଚାଷ କରିଥିଲି। ଗତବର୍ଷ ସ୍ୱଳ୍ପ ବର୍ଷା ଯୋଗୁ ଫସଲ ବରବାଦ ହୋଇଗଲା। ଏଭଳି ସ୍ଥିତି ଉତ୍ପନ୍ନ ହେଲା ଯେ, ଚାଷ ଖର୍ଚ୍ଚ ପରିଶୋଧ ଓ ପରିବାର ଚଳାଇବା ପାଇଁ ତେଲେଙ୍ଗାନାର ଇଟା ଭାଟି ଯିବାକୁ ବାଧ୍ୟ ହୋଇଛି।" ସମ୍ବଲପୁର ବିଶ୍ୱବିଦ୍ୟାଳୟର (ଉତ୍କର୍ଷ କେନ୍ଦ୍ର) ଆଂଚଳିକ ବିକାଶ ଓ ଜନଜାତି ଅଧ୍ୟୟନ କେନ୍ଦ୍ରର ରିପୋର୍ଟ ଅନୁଯାୟୀ ଜଳବାୟୁ ପରିବର୍ତ୍ତନ ଯୋଗୁ ଦାଦନ ପ୍ରବଣ ଜିଲ୍ଲାମାନଙ୍କରେ କୃଷି ଉତ୍ପାଦନ ହ୍ରାସ ପାଇଛି, ଫଳରେ ଚାଷୀଙ୍କ ବାର୍ଷିକ ଆୟ ପ୍ରାୟ ୩୯% ହ୍ରାସ ପାଇ ୩୦ ହଜାରରୁ କମରେ ପହଞ୍ଚିଛି। ସ୍ୱଳ୍ପ ବୃଷ୍ଟି ଓ ଅନାବୃଷ୍ଟି ଯୋଗୁ ଗତ ୧୦ବର୍ଷ ହେଲା ଲଗାତର ଭାବେ ଏହି ଅଂଚଳକୁ ସଂପୂର୍ଣ୍ଣ କିମ୍ବା ଆଂଶିକ ମରୁଡି ପ୍ରଭାବିତ ଅଂଚଳ ଭାବେ ଘୋଷଣା କରାଯାଇଛି। ମାଟିର ଉର୍ବରତା ମଧ୍ୟ କମିବାରେ ଲାଗିଛି। ଅନ୍ୟଦିଗରେ ଧାନ ଚାଷୀ, କପା ଚାଷୀ ଓ ବିଭିନ୍ନ ପନିପରିବା ଚାଷୀ ସରକାର ଓ ମିଲମାଲିକ ମାନଙ୍କ ଶୋଷଣ ଯୋଗୁ, ସର୍ବନିମ୍ନ ସହାୟକ ମୂଲ୍ୟ ପାଇବାରୁ ବଂଚିତ ହୋଇ ଅଭାବୀ ବିକ୍ରୀର ଶୀକାର ହୁଅନ୍ତି। ଋଣ ସୁଝିବା ପାଇଁ ଅନେକେ ପଳାୟନ କରନ୍ତି। ଅନ୍ୟଦିଗରେ ଭୟଙ୍କର ଦାରିଦ୍ର୍ୟ, ଅନାହାରର କଷ୍ଟ ଯନ୍ତ୍ରଣା, ବେକାରୀତ୍ୱର ଜ୍ୱାଳା ସହି ନପାରି ଓ ବହୁ ଛାତ୍ରଛାତ୍ରୀ ନିଜର ପାଠପଢା ଖର୍ଚ୍ଚ ଯୋଗାଡ କରିବା ପାଇଁ ମଧ୍ୟ ଦାଦନ ଖଟିବାକୁ ବାଧ୍ୟ ହୁଅନ୍ତି। ଦରଦାମ ବୃଦ୍ଧି ତ ଜୀବନକୁ ସଂପୂର୍ଣ୍ଣ ବିପର୍ଯ୍ୟସ୍ତ କରିଦେଇଛି। ଫଳରେ ସରକାରଙ୍କ ଜନମାରଣ ନୀତି ହିଁ ଦାଦନ ଖଟିବାକୁ ଯିବା ପାଇଁ ଲୋକମାନଙ୍କୁ ବାଧ୍ୟ କରୁଛି।

**୧୦୦ଦିନରେ ଦାଦନ ସମସ୍ୟାର ସ୍ଥାୟୀ ସମାଧାନର ପ୍ରତିଶ୍ରୁତି କୁଆଡେ ଗଲା?**

ଗତ ବିଧାନ ସଭା ଓ ଲୋକସଭା ନିର୍ବାଚନବେଳେ ବିଜେପି ଦଳର ଏକ ବଡ ନିର୍ବାଚନୀ ପ୍ରତିଶ୍ରୁତି ଥିଲା, ବିଜେପି ଦଳ ନେତୃତ୍ୱରେ ଡବଲ ଇଞ୍ଜିନ ସରକାର ପ୍ରତିଷ୍ଠିତ ହେଲେ ୧୦୦ ଦିନ ମଧ୍ୟରେ ଦାଦନ ସମସ୍ୟାର ସ୍ଥାୟୀ ସମାଧାନ ହେବ। ପ୍ରଧାନମନ୍ତ୍ରୀଙ୍କ ପାଖରୁ ରାଜ୍ୟ ଓ ତଳସ୍ତରର ନେତାମାନେ ଭାଷଣରେ କହିଲେ, ଏଥର ଦାଦନ କଳଙ୍କ ଦୂର ହେବ। ୧୦୦ ଦିନ ତ ପାର ହୋଇଗଲାଣି। ଏ ଦିଗରେ କେତେ ଅଗ୍ରଗତି ଘଟିଛି? ସେମାନେ ତ କଣ୍ଠ ଫଟେଇ କହୁଥିଲେ, ଏଥର ଗାଁ ଗାଁରେ କାମ ମିଳିବ, ବାହାରକୁ ଯିବା ଦରକାର ନାହିଁ। ଅଥଚ ଆଗରୁ ମନରେଗା ଯୋଜନାରେ ଯେତିକି ବି କାମ ମିଳୁଥିଲା, ଆଜି ସେତିକି ବି ନାହିଁ। ଦେଶର ସର୍ବତ୍ର ବିଶେଷକରି ଦାଦନ ପ୍ରବଣ ଅଂଚଳରେ ୩୬୫ ଦିନ କାମ ଯୋଗାଇ ଦେବା ପାଇଁ ଓ ଠିକ ସମୟରେ ଶ୍ରମିକମାନଙ୍କୁ ସେମାନଙ୍କ ପ୍ରାପ୍ୟ ମଜୁରୀ ଦେବା ପାଇଁ ଦାବି ହୋଇଆସୁଛି। ମାତ୍ର ଡବଲ ଇଞ୍ଜିନ ସରକାର ଆସିଲା ପରେ ମନରେଗାରେ ଆଉ କାମ ନାହିଁ। ଲୋକମାନେ କାମ କରି ପଇସା ନପାଇ ହତାଶ ହୋଇ ବସିଛନ୍ତି। କେନ୍ଦ୍ର ସରକାର ତ ଏହି ଯୋଜନାର ବ୍ୟୟବରାଦ ଅଧା କରିଦେଇଛନ୍ତି ଓ ୮କୋଟି ଶ୍ରମିକଙ୍କୁ ତାଲିକାରୁ କାଟି ଦିଆଯାଇଛି। ଅନ୍ୟଦିଗରେ ରୋଜଗାରର କୌଣସି ବ୍ୟବସ୍ଥା ନାହିଁ। ଶ୍ରମ ଭିତ୍ତିକ କାରଖାନା ନିର୍ମାଣ କରି ଲୋକଙ୍କୁ ସ୍ଥାୟୀ ନିଯୁକ୍ତି ଦେବାର କୌଣସି ପରିକଳ୍ପନା ନାହିଁ। ବରଂ ଛଟେଇ ଚାଲିଛି। କମ୍ପାନୀ ସ୍ୱାର୍ଥରେ ଅମାନବିକ ବିସ୍ଥାପନ ଚାଲିଛି। ବେକାରୀ ସମସ୍ୟା ଉତ୍କଟ। ଏଣେ ଦରଦାମ ହୁ ହୁ ହୋଇ ବଢୁଛି। ଯାହାଫଳରେ ଦାଦନ ସମସ୍ୟା ଭୟାବହ ରୂପ ନେଇଛି। ସରକାର ଖାଲି ଏକ ଟାସ୍କ ଫୋର୍ସ ଗଠନ କରି ଯେ ଲୋକଙ୍କୁ ଭୁଆଁ ବୁଲାଉଛନ୍ତି ଏହା ବୋଧେ ଆଉ ବୁଝିବାର ବାକି ନାହିଁ।

**ସ୍ଥାୟୀ ସମାଧାନ ପାଇଁ ଶକ୍ତିଶାଳୀ ବୃହତ୍ତର ଗଣଆନ୍ଦୋଳନ ଗଢିତୋଳିବାକୁ ହେବ**

ଦାଦନ ସମସ୍ୟାର ସ୍ଥାୟୀ ସମାଧାନ କରିବା ପାଇଁ ଯୁଦ୍ଧକାଳୀନ ଭିତ୍ତିରେ ପଦକ୍ଷେପ ନେବାକୁ ସରକାରଙ୍କୁ ବାଧ୍ୟ କରିବାକୁ ହେଲେ ଶକ୍ତିଶାଳୀ ଗଣଆନ୍ଦୋଳନ ଛଡା ଅନ୍ୟ କିଛି ବାଟ ନାହିଁ। ବର୍ଷକୁ ୩୬୫ଦିନ ମନରେଗା ଯୋଜନା ମାଧ୍ୟମରେ ଲୋକଙ୍କୁ କାମ ଯୋଗାଇ ଦେଇ ସଠିକ ସମୟରେ ଉପଯୁକ୍ତ ମଜୁରୀ ଦେବା, ସ୍ଥାୟୀ କର୍ମ ସଂସ୍ଥାନ ପାଇଁ ସରକାରୀ ଉଦ୍ୟୋଗରେ ଶ୍ରମ ଭିତ୍ତିକ ଶିଳ୍ପ କାରଖାନା ପ୍ରତିଷ୍ଠା କରିବା, ଜଳସେଚନର ସୁବନ୍ଦୋବସ୍ତ ସହ ସମସ୍ତ କୃଷିଜାତ ଦ୍ରବ୍ୟର ସର୍ବନିମ୍ନ ସହାୟକ ମୂଲ୍ୟକୁ ଆଇନଗତ ସ୍ୱୀକୃତି ପ୍ରଦାନ କରିବା, ଅଭାବି ବିକ୍ରି ବନ୍ଦ, ମରୁଡିର ସ୍ଥାୟୀ ପ୍ରତିକାର ପାଇଁ ବିଭିନ୍ନ ଧରଣର ଜଳସେଚନ ପ୍ରକଳ୍ପ ନିର୍ମାଣ, ବେଲଗାମ ଦରଦାମ ବୃଦ୍ଧିକୁ ନିୟନ୍ତ୍ରଣକୁ ଆଣିବା ପାଇଁ ଉପଯୁକ୍ତ ପଦକ୍ଷେପ ନେବା ସହ ତାତ୍କ୍ଷଣିକ ପଦକ୍ଷେପ ଭାବେ କ୍ଷତିଗ୍ରସ୍ତ ଓ ମୃତ ଦାଦନମାନଙ୍କୁ ଉପଯୁକ୍ତ ଅନୁକମ୍ପାମୂଳକ କ୍ଷତିପୂରଣ ସହାୟତା ପ୍ରଦାନ, ଅମାନୁଷିକ ଅତ୍ୟାଚାର, ହତ୍ୟା ଘଟଣାରେ ସଂପୃକ୍ତ ଇଟାଭାଟି ମାଲିକ ଓ ସେମାନଙ୍କ ଏଜେଣ୍ଟ ଦାଦନ ସର୍ଦ୍ଦାରମାନଙ୍କ ବିରୁଦ୍ଧରେ ଦୃଢ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ଆଦି ଦାବିରେ ବୃହତ୍ତର ଶକ୍ତିଶାଳୀ ଗଣଆନ୍ଦୋଳନ ଗଢିତୋଳିବା ହିଁ ଆଜି ସମୟର ଜରୁରୀ ଆହ୍ୱାନ।

★★★

## ଏଆଇୟୁଟିୟୁସିର . . .

(୧ମ ପୃଷ୍ଠାର ଅବଶିଷ୍ଟାଂଶ)

ଆନ୍ଦୋଳନକାରୀ ମାନଙ୍କର ଲଢୁଆ ଆନ୍ଦୋଳନ ଫଳରେ ରାଜ୍ୟର ସ୍ୱାସ୍ଥ୍ୟ କମିଶନର ଜାନୁଆରୀ ୧୦ତାରିଖରେ ବାଙ୍ଗାଲୋରର ଫ୍ରିଡମ୍ ପାର୍କରେ ଆଶାକର୍ମୀମାନଙ୍କର ଧାରଣାସ୍ଥଳକୁ ଆସି ଆଗାମୀ ଏପ୍ରିଲ ମାସରୁ ପ୍ରତିମାସରେ ସେମାନଙ୍କୁ ୧୦ହଜାର ଟଙ୍କା ପ୍ରାରିଶ୍ରମିକ ପ୍ରଦାନ କରିବା ପାଇଁ ଘୋଷଣା କରିଛନ୍ତି। କାମର ଚାପ ବଢିଲେ ଅତିରିକ୍ତ ଭତ୍ତା ଏବଂ ଗୁରୁତର ଅସୁସ୍ଥତା ଘଟିଲେ ତିନିମାସର ସବେତନ ଛୁଟି ମଧ୍ୟ ଆଶାକର୍ମୀମାନେ ପାଇବେ। ମୁଖ୍ୟମନ୍ତ୍ରୀ ଆଗାମୀ ଦିନରେ ଆଶାକର୍ମୀମାନଙ୍କର ଅବସରକାଳୀନ ଭତ୍ତା(ପେନ୍‌ସନ୍) ନେଇ ବିଚାର କରିବା ପାଇଁ ମଧ୍ୟ ସ୍ୱାସ୍ଥ୍ୟ କମିଶନର ପ୍ରତିଶ୍ରୁତି ଦେଇଛନ୍ତି। ଫ୍ରିଡମ ପାର୍କରେ ସେତେବେଳେ ଉଚ୍ଛ୍ୱାସର ଝଡ। ବହୁ ଆକାଂକ୍ଷିତ ବିଜୟ ହାସଲ କରି ଆନ୍ଦୋଳନକାରୀ ମାନଙ୍କର ଆନନ୍ଦ ଧ୍ୱନିରେ ସମାବେଶସ୍ଥଳ ମୁଖରିତ ହୋଇଥିଲା।

ଜାନୁଆରୀ ୭ତାରିଖରୁ ସମଗ୍ର କର୍ଣ୍ଣାଟକରୁ ଆସିଥିବା ୨୫ହଜାରରୁ ଉର୍ଦ୍ଧ୍ୱ ଆଶାକର୍ମୀ ବାଙ୍ଗାଲୋର ଫ୍ରିଡମ୍ ପାର୍କରେ ଲଗାତର ବିକ୍ଷୋଭ ଧାରଣା ଆରମ୍ଭ କଲେ। ପ୍ରବଳ ଶୀତକୁ ଉପେକ୍ଷା କରି ଖୋଲା ଆକାଶ ତଳେ ଦୀର୍ଘ ଧାରଣା ଚାଲିଲା। ରାତିରେ ମଧ୍ୟ ସେମାନେ ଫ୍ରିଡମ ପାର୍କର ଖୋଲା ପଡିଆରେ ରହୁଥିଲେ। ଅନେକ ଆଶାକର୍ମୀ ମାନଙ୍କ ସହିତ ସେମାନଙ୍କର ଶିଶୁ ସନ୍ତାନ ମଧ୍ୟ ଥାଆନ୍ତି। ପ୍ରବଳ ଥଣ୍ଡାରେ ସୁଦ୍ଧା ପିଲାମାନଙ୍କର ଅସୁସ୍ଥ ହୋଇପଡିବାର ଆଶଙ୍କାକୁ ଖାତିର ନକରି ସମସ୍ତ ପ୍ରତିରୋଧକୁ ସମ୍ମୁଖୀନ ହୋଇଥିଲେ ଆନ୍ଦୋଳନରତ ଆଶାକର୍ମୀ ମା'ମାନେ।

ପ୍ରଥମରୁ ହିଁ ରାଜ୍ୟର ସାଧାରଣ ଜନତା ଆନ୍ଦୋଳନକାରୀଙ୍କ ପାଖରେ ଛିଡା ହୋଇଥିଲେ। ଦିନକୁ ଦିନ ଧାରଣାସ୍ଥଳରେ ଆଶାକର୍ମୀମାନଙ୍କର ସଂଖ୍ୟା ବଢିବାକୁ ଲାଗିଥିଲା। କୃଷକ-ଶ୍ରମିକ-ଅଟୋଚାଳକ, ମହିଳା-ଛାତ୍ର-ଯୁବକଙ୍କ ସହିତ ସମସ୍ତ ସ୍ତରର ଜନସାଧାରଣ ଆନ୍ଦୋଳନକାରୀ ମାନଙ୍କ ସହିତ ସାମିଲ ହୋଇଥିଲେ। ସେମାନେ ଆନ୍ଦୋଳନକାରୀଙ୍କ ନିମନ୍ତେ ରନ୍ଧାଖାଦ୍ୟ ଯୋଗାଇ ଦେଇଥିଲେ। ଅକୁଣ୍ଠ ଚିତ୍ତରେ ସାହାଯ୍ୟର ହାତ ବଢାଇ ଦେଇଥିଲେ। ପାର୍କ ନିକଟରେ ସ୍ୱେଚ୍ଛାସେବୀ ଡାକ୍ତରମାନଙ୍କର ମେଡିକାଲ କ୍ୟାମ୍ପ ସ୍ଥାପନ କରାଯାଇଥିଲା, ଯେପରିକି ଅସୁସ୍ଥତା ଆନ୍ଦୋଳନକାରୀମାନଙ୍କ ପାଇଁ ବାଧା ହୋଇ ଛିଡା ନ ହୁଏ।

ଏହି ବିକ୍ଷୋଭ ସମାବେଶରେ ସାଧାରଣ ଜନତାଙ୍କ ପାଖାପାଖି ରାଜ୍ୟର ବହୁ ଖ୍ୟାତନାମା ବ୍ୟକ୍ତିତ୍ୱ ମଧ୍ୟ ସାମିଲ ହୋଇଥିଲେ। ଆସିଥିଲେ ପ୍ରଖ୍ୟାତ କନ୍ନଡ ଲେଖକ ଓ ମାନବାଧିକାର-ରକ୍ଷା ଆନ୍ଦୋଳନର ଅନ୍ୟତମ ବ୍ୟକ୍ତିତ୍ୱ ଅଧ୍ୟାପକ ଆଲ୍ଲାମାତ୍ରଭୁ ବେଟ୍ଟାଦୁରୁ। ସଙ୍ଗରେ ଥିଲେ ଖ୍ୟାତନାମା ଶିକ୍ଷାବିତ୍, ଅଧ୍ୟାପକ ଭି.ପି. ନିରଞ୍ଜନାରାଧ୍ୟା, ସୁପ୍ରିମ କୋର୍ଟର ପ୍ରାକ୍ତନ ବିଚାରପତି ଏବଂ କର୍ଣ୍ଣାଟକର ପ୍ରାକ୍ତନ ଲୋକାୟୁକ୍ତ ଜଷ୍ଟିସ୍ ସନ୍ତୋଷ ହେଗଡେ, ସମାଜକର୍ମୀ ଏସ୍‌ଆର ହିରେମାଥ, ଜନମୁଖୀ ପତ୍ରିକାର ସଂପାଦକ ଚନ୍ଦ୍ରକାନ୍ତ ଭାଡ୍ଡୁ ପ୍ରମୁଖ। ଏମାନେ ସମସ୍ତେ ହିଁ ଆଶାକର୍ମୀମାନଙ୍କ ପ୍ରତି ନ୍ୟାୟ ବିଚାରର ଦାବିରେ ଆନ୍ଦୋଳନରେ ସାମିଲ ହୋଇଥିଲେ। ସମାବେଶ ସ୍ଥଳରେ ବିକ୍ଷୋଭକାରୀ ଆଶାକର୍ମୀମାନଙ୍କୁ ଏଆଇୟୁଟିୟୁସିର ସର୍ବଭାରତୀୟ ସଭାପତି କେ ରାଧାକ୍ରିଷ୍ଣନ୍, ଆଶାକର୍ମୀ ସଂଗଠନର ରାଜ୍ୟ ସଂପାଦକ ଡି ନାଗଲକ୍ଷ୍ମୀ ଓ ରାଜ୍ୟ ସଭାପତି ସୋମଶେଖର ଇୟାଦିଗିଛି, ରାଜ୍ୟ ସହ-ସଭାନେତ୍ରୀ ରମା ଟି.ସି ପ୍ରମୁଖ ଉଦ୍‌ବୋଧନ ଦେଇଥିଲେ। ଦାବି ଆଦାୟ ଆନ୍ଦୋଳନରେ ଅଟଳ ଆଶାକର୍ମୀମାନଙ୍କୁ ଆହ୍ୱାନ ଜଣାଇ କମ୍ରେଡ ରାଧାକ୍ରିଷ୍ଣନ୍ କହିଲେ- 'ଇତିହାସ ସାକ୍ଷୀ, ଆତ୍ମତ୍ୟାଗ ବିନା କୌଣସି ସଂଗ୍ରାମ ସଫଳ ହୋଇପାରିବ ନାହିଁ। ତେଣୁ ଯେତେ ବାଧା ବିପତ୍ତି ଆସୁ, ଯେପର୍ଯ୍ୟନ୍ତ ଜୟଲାଭ ହୋଇନାହିଁ, ସେପର୍ଯ୍ୟନ୍ତ ଆପଣମାନଙ୍କୁ ସଂଗ୍ରାମ ଚଳାଇଯିବାକୁ ହେବ।' ଏସ୍‌ୟୁସିଆଇ(ସି)ର କର୍ଣ୍ଣାକଟ ରାଜ୍ୟ ସଂପାଦକ କେ. ଉମା ଆଶାକର୍ମୀ ମାନଙ୍କର ସମ୍ମୁଖରେ ନିଜର ବକ୍ତବ୍ୟ ରଖିଥିଲେ। ପରିଶେଷରେ କର୍ଣ୍ଣାଟକର ମୁଖ୍ୟମନ୍ତ୍ରୀ ସିଦ୍ଧାରାମାୟା, ସ୍ୱାସ୍ଥ୍ୟମନ୍ତ୍ରୀ ଓ ସ୍ୱାସ୍ଥ୍ୟ ଦପ୍ତରର ଅଫିସରମାନଙ୍କ ସହିତ ଆଶାକର୍ମୀ ସଂଗଠନର ପ୍ରତିନିଧିମାନଙ୍କର ଆଲୋଚନା ଅନୁଷ୍ଠିତ ହୋଇଥିଲା। ମୁଖ୍ୟମନ୍ତ୍ରୀ ଦାବିଗୁଡିକର ଯୌକ୍ତିକତା ସ୍ୱୀକାର କରି ପ୍ରତିମାସରେ ୧୦ ହଜାର ଟଙ୍କା ବେତନ ସହ ଅନ୍ୟାନ୍ୟ ଦାବିଗୁଡିକୁ ମାନିନେବାର ସିଦ୍ଧାନ୍ତ ଘୋଷଣା କଲେ।

ଶୋଷଣମୁକ୍ତି ସଂଗ୍ରାମ ଇତିହାସରେ ଫ୍ରିଡମ୍ ପାର୍କରେ ଧର୍ମଘଟକାରୀ ଆଶାକର୍ମୀମାନଙ୍କର ଗୌରବମୟ ଲଢେଇ ନଜିର ହିସାବରେ ରହିଗଲା। ଆଶାକର୍ମୀ ମାନଙ୍କ ଭଳି ବିଭିନ୍ନ କ୍ଷେତ୍ରରେ ମେହେନତୀ ମଣିଷ ଶୋଷଣ ଅବିଚାରର ଶିକାର। କର୍ଣ୍ଣାଟକର ଆଶା କର୍ମୀମାନଙ୍କର ଏହି ବିଜୟକୁ ସେମାନଙ୍କୁ ମଧ୍ୟ ଆପୋଷହୀନ ଲଢେଇ କରିବା ପାଇଁ ପ୍ରେରଣା ଯୋଗାଇବ।

## କେନ୍ଦ୍ର ସରକାରଙ୍କୁ . . .

(୧ମ ପୃଷ୍ଠାର ଅବଶିଷ୍ଟାଂଶ)

ଗରିବ-ମଧ୍ୟବିତ୍ତ-ନିମ୍ନ ମଧ୍ୟବିତ୍ତଙ୍କ ଆୟ ବଢିଲେ ଭୋଗ୍ୟପଣ୍ୟର ଚାହିଦା ବଢିଥାଏ, ଯାହା ଧନୀ ମାନଙ୍କ ଆୟ ବୃଦ୍ଧିରେ ଘଟି ନଥାଏ। କିନ୍ତୁ ଜନଗଣଙ୍କ ରୋଜଗାର ବଢୁ ନାହିଁ କାହିଁକି? କାରଣ ମଣିଷ ହାତରେ କାମ ଧନ୍ଦା ନାହିଁ। ପୁଞ୍ଜିବାଦୀ ଅର୍ଥନୀତି ପ୍ରୟୋଜନ ଅନୁସାରେ ନୂଆ କାମ ସୃଷ୍ଟି କରିପାରୁନାହିଁ। କେବଳ ପୁଞ୍ଜି ବିନିଯୋଗ ଫଳରେ ଉତ୍ପାଦନ ବଢୁଛି। କୌଣସି ସ୍ଥାନରେ ନୂତନ ଶ୍ରମିକ ନିଯୁକ୍ତି ପ୍ରାୟ ନାହିଁ କହିଲେ ଚଳିବ। ଯୁବ ଗୋଷ୍ଠୀ କାମ ଧନ୍ଦା ପାଇବେ କିପରି? ରୋଜଗାର ନ ପାଇଲେ ସେମାନଙ୍କ ହାତକୁ ଖର୍ଚ୍ଚ ପାଇଁ ପଇସା ଆସିବ କେଉଁଠୁ? ଯେଉଁମାନେ ଚାକିରି କରନ୍ତି ସେମାନଙ୍କ ମଧ୍ୟରୁ ଅନେକ ଆଗ ଅପେକ୍ଷା କମ ଦରମାରେ ଚକିରୀ କରିବାକୁ ବାଧ୍ୟ ହେଉଛନ୍ତି। ଏହାଛଡା ଅନେକ କଳ କାରଖାନା ଗୋଟିଏ ପରେ ଗୋଟିଏ ବନ୍ଦ ହୋଇ ଚାଲିଛି। ଉତ୍ପାଦନରେ ଆଧୁନିକ ପ୍ରଯୁକ୍ତିର ବ୍ୟବହାର ଯେତେ ବଢୁଛି ସେତେ ବଢୁଛି କର୍ମଚାରୀ ଛଟେଇ। ଅନ୍ୟଦିଗରେ ଆଉ ଏକ ଗୁରୁତ୍ୱପୂର୍ଣ୍ଣ ଘଟଣା ଘଟି ଚାଲିଛି ଶ୍ରମ ବଜାରରେ। ସ୍ଥାୟୀ ଚାକିରୀର ବ୍ୟବସ୍ଥା ପୁଞ୍ଜିପତି ଓ ସରକାର ରଖିବାକୁ ଚାହୁଁ ନାହାନ୍ତି। ଚୁକ୍ତିଭିତ୍ତିକ ସ୍ଥାୟୀ ଚାକିରି ବର୍ତ୍ତମାନ ଆଉ ନାହିଁ କହିଲେ ଚଳେ। ସବୁଆଡେ ନିଯୁକ୍ତ ହେଉଛନ୍ତି ଗିଗ କର୍ମୀ। ଯେଉଁଠି କର୍ମୀ ମାନଙ୍କର ସାମାନ୍ୟତମ ନିରାପତ୍ତା ମଧ୍ୟ ନହିଁ। "କାମ ଅଛି ତ ଦରମା ଅଛି" ସର୍ତ୍ତରେ ସେମାନେ ନିଯୁକ୍ତ ହୁଅନ୍ତି ଏବଂ ମାଲିକର ଇଚ୍ଛା ଅନୁସାରେ ଛଟେଇ ମଧ୍ୟ ହୁଅନ୍ତି। ଏମିତି ରୋଜଗାର କରୁଥିବା ବ୍ୟକ୍ତି କଣ ଭୋଗ୍ୟ ପଣ୍ୟ କିଣିବାର କ୍ଷମତା ରଖିପାରିବେ? ଏମିତି ପରିସ୍ଥିତିରେ ସେମାନେ ପରିବାର ପୋଷଣ କେମିତି କରିବେ ସେଇ ଚିନ୍ତା ମଣିଷକୁ ଅସ୍ଥିର କରୁଛି।

ଅର୍ଥନୀତିର ଏହିଭଳି ମାରାତ୍ମକ ପରିସ୍ଥିତିରେ ସିଆଇଆଇ(CII) ସରକାରଙ୍କୁ ପରାମର୍ଶ ଦେଇଛି ଯେମିତି ହେଲେ ଲୋକଙ୍କ ହାତରେ କିଛି ଟଙ୍କା ଗୁଞ୍ଜି ଯେମିତି ସେମାନେ ବଜାରରେ କିଣା କଟା କରିପାରିବେ। ଏହିଭଳି ଦେବାଟା କିଛି ନୂଆ ନୁହେଁ। ପୁଞ୍ଜିବାଦୀ ଅର୍ଥନୀତିକୁ ମାରାତ୍ମକ ବଜାର ସଂକଟରୁ ସାମୟିକ ଭାବେ ହେଲେ ମଧ୍ୟ ବଂଚାଇବାକୁ ବିଗତ ଶତାବ୍ଦୀର ତିରିଶ ଦଶକରେ ମହାମାନ୍ଦା ପରବର୍ତ୍ତୀ ସମୟରେ

(ଅବଶିଷ୍ଟାଂଶ ୭ମ ପୃଷ୍ଠାରେ)

# ଏଆଇଡିଏସ୍ଓ ଉଦ୍ୟୋଗରେ ରାଜ୍ୟବ୍ୟାପୀ ନେତାଜୀ ଜୟନ୍ତୀ ପାଳିତ












ନେତାଜୀ ଜୟନ୍ତୀ ଉପଲକ୍ଷେ ସଂଗଠନର କଟକ ଜିଲ୍ଲା କମିଟି ପକ୍ଷରୁ ପୂର୍ବାହ୍ନରେ ସ୍ଥାନୀୟ କଲେଜ ଛକଠାରୁ ନେତାଜୀଙ୍କ ଜନ୍ମସ୍ଥାନ ସଂଗ୍ରହାଳୟ ପର୍ଯ୍ୟନ୍ତ ଏକ ଶୋଭାଯାତ୍ରା ବାହାରି ସେଠାରେ ନେତାଜୀଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ଅର୍ପଣ କରାଯାଇଥିଲା ଏବଂ ଅପରାହ୍ନରେ କଲେଜ ଛକଠାରେ ଏକ ସାଧାରଣ ସଭା ଅନୁଷ୍ଠିତ ହୋଇଥିଲା। ଏହି ସାଧାରଣ ସଭାରେ ମୁଖ୍ୟ ଅତିଥି ଭାବେ ଆଇନଜୀବୀ ଶ୍ରୀଯୁକ୍ତ ଜ୍ଞାନରଞ୍ଜନ ନାୟକ ଏବଂ ମୁଖ୍ୟ ବକ୍ତାଭାବେ ଏଆଇଡିଏସ୍ଓ ଓଡିଶା ରାଜ୍ୟ ପରିଷଦର ସଭାପତି କମ୍ରେଡ ସୋମନାଥ ବେହେରା ଯୋଗ ଦେଇଥିଲେ। ଏଆଇଡିଏସ୍ଓର କଟକ ଜିଲ୍ଲା ସଭାପତି ଇଶା ଧର ଉକ୍ତ ସଭାରେ ସଭାପତିତ୍ୱ କରିଥିଲେ ଓ ପ୍ରାରମ୍ଭିକ ସୂଚନା ଦେଇଥିଲେ ଜିଲ୍ଲା ସମ୍ପାଦକ କମ୍ରେଡ ତରୁଣସେନ ନାୟକ। ଭଦ୍ରକ ଜିଲ୍ଲା ପକ୍ଷରୁ ସଂସ୍କୃତି ଭବନ ଠାରେ ନେତାଜୀ ଜୟନ୍ତୀ ସମାରୋହ ଅନୁଷ୍ଠିତ ହୋଇଥିଲା। ଜୟନ୍ତୀ ସଭାରେ ମୁଖ୍ୟ ଅତିଥି ଭାବେ ବିଶିଷ୍ଟ ଚିତ୍ର ଶିଳ୍ପୀ ଶ୍ରୀ ରତିକାନ୍ତ ଦାଶ, ଅନ୍ୟତମ ଅତିଥିଭାବେ ଏସୟୁସିଆଇ(କମ୍ୟୁନିଷ୍ଟ) ଭଦ୍ରକ ଜିଲ୍ଲା ସାଂଗଠନିକ କମିଟି ସମ୍ପାଦକ କମ୍ରେଡ୍ ରମେଶ ନାୟକ ଓ ଏଆଇଡିଏସଓ ର ରାଜ୍ୟ ସମ୍ପାଦକ କମ୍ରେଡ ସିଦ୍ଧାର୍ଥ ରଥ ମୁଖ୍ୟବକ୍ତା ଭାବେ ନିଜର ଅଭିଭାଷଣ ରଖିଥିଲେ। କମ୍ରେଡ ଗୋବିନ୍ଦ କୁମାର ମଲ୍ଲିକଙ୍କ ସଭାପତିତ୍ୱରେ ଉକ୍ତ ସଭା ଅନୁଷ୍ଠିତ ହୋଇଥିଲା। ଗଞ୍ଜାମ ଜିଲ୍ଲାର ବ୍ରହ୍ମପୁରର ଉତ୍କଳ ଆଶ୍ରମ ଠାରେ ନେତାଜୀଙ୍କ ବିରଳ ଫଟୋ ଏବଂ ଉଦ୍ଧୃତି ପ୍ରଦର୍ଶନୀ ସହ ଜନସଭା ଅନୁଷ୍ଠିତ ହୋଇଥିଲା। ସଭାରେ ମୁଖ୍ୟ ଅତିଥି ଭାବେ ସାହିତ୍ୟିକା ଡଃ. ବିଧୁପ୍ରଭା ରଥ ଏବଂ ମୁଖ୍ୟବକ୍ତା ଭାବେ ଏଆଇଡିଏସଓ ରାଜ୍ୟ ଅଫିସ ସମ୍ପାଦକ କମ୍ରେଡ ନସିମ ସରକାର ବକ୍ତବ୍ୟ ରଖିଥିଲେ। ସଭାର ସଭାପତିତ୍ୱ କରିଥିଲେ ଜିଲ୍ଲା ସଭାପତି କମ୍ରେଡ ନିମାଇଁ ଚରଣ ସାହୁ ଏବଂ ପ୍ରାରମ୍ଭିକ ବକ୍ତବ୍ୟ ରଖିଥିଲେ ଜିଲ୍ଲା ସମ୍ପାଦକ କମ୍ରେଡ ନାରାୟଣ ସାହୁ। ଏଆଇଡ଼ିଏସଓ ବଲାଙ୍ଗୀର ଜିଲ୍ଲା କମିଟି ପକ୍ଷରୁ ସ୍ଥାନୀୟ ନେତାଜୀ ଛକ ଠାରେ ନେତାଜୀ ସୁଭାଷ ଚନ୍ଦ୍ର ବୋଷଙ୍କ ଜୟନ୍ତୀ ସମାରୋହ ଅନୁଷ୍ଠିତ ହୋଇଥିଲା। ସଭାରେ ମୁଖ୍ୟ ଅତିଥି ଭାବେ ନେତାଜୀ ସଂଗ୍ରାମୀ ପରିଷଦର ସଭାପତି ଶ୍ରୀଯୁକ୍ତ ଲକ୍ଷ୍ମୀ ନାରାୟଣ ପଟ୍ଟନାୟକ ଯୋଗ ଦେଇଥିଲା ବେଳେ ମୁଖ୍ୟ ବକ୍ତା ଭାବରେ ଏସୟୁସିଆଇ(କମ୍ୟୁନିଷ୍ଟ)ର ରାଜ୍ୟ ସମ୍ପାଦକମଣ୍ଡଳୀ ସଭ୍ୟ କମ୍ରେଡ଼ ଅଶୋକ ମିଶ୍ର ଯୋଗଦେଇଥିଲେ। ଅନ୍ୟତମ ବକ୍ତା ଭାବେ ବକ୍ତବ୍ୟ ରଖିଥିଲେ ଏଆଇଡିଏସ୍ଓ ରାଜ୍ୟ ଉପସଭାପତି କମ୍ରେଡ ସୁନିଲ ଭୋଇ। ଉକ୍ତ ସଭାକୁ ପରିଚାଳନା କରିଥିଲେ ସଂଗଠନର ଜିଲ୍ଲା ସଭାପତି କମ୍ରେଡ ମଧୁସୂଦନ ବାଗ। କୋରାପୁଟ ଜିଲ୍ଲାର ବୈପାରିଗୁଡ଼ା ଠାରେ ସ୍ଥାନୀୟ ଶହୀଦ ଲକ୍ଷ୍ମଣ ନାୟକ ପାଠାଗାର ଠାରେ ଆପୋଷହୀନ ଧାରାର ମହାନ ସ୍ୱାଧୀନତା ସଂଗ୍ରାମୀ ନେତାଜୀ ସୁଭାଷ ଚନ୍ଦ୍ର ବୋଷଙ୍କ ଜନ୍ମ ଜୟନ୍ତୀ ଉପଲକ୍ଷେ ଏକ ସଭା କୋରାପୁଟ ଜିଲ୍ଲା କମିଟି ପକ୍ଷରୁ ଅନୁଷ୍ଠିତ ହୋଇଥିଲା। ସଭାରେ ମୁଖ୍ୟ ଅତିଥି ଭାବେ ବକ୍ତବ୍ୟ ରଖିଥିଲେ ଯୁବ ସଂଗଠନ ଏଆଇଡିୱାଇଓ କୋରାପୁଟ ଜିଲ୍ଲା ଆବାହକ କମ୍ରେଡ ରବୀନ୍ଦ୍ର ପଣ୍ଡା। ମୁଖ୍ୟବକ୍ତା ଭାବେ ଏଆଇଡିଏସଓ ରାଜ୍ୟ କମିଟି ସଭ୍ୟ କମ୍ରେଡ ପପୁନ ସାହୁ ବକ୍ତବ୍ୟ ରଖିଥିଲା ବେଳେ ଅନ୍ୟତମ ବକ୍ତା ଭାବରେ ବକ୍ତବ୍ୟ ରଖିଥିଲେ ଏଆଇଡିଏସଓର କୋରାପୁଟ ଜିଲ୍ଲା କମିଟି ସଭାପତି କମ୍ରେଡ୍ ସୁରଜିତ ସ୍ୱାଇଁ। ସଙ୍ଗଠନର ଜିଲ୍ଲା କମିଟି ସଭ୍ୟ କମ୍ରେଡ ଦେବରାଜ କମାର ସଭା ପରିଚାଳନା କରିଥିଲେ। ଏଆଇଡିଏସଓ ରାଜ୍ୟ ଉପସଭାପତି କମ୍ରେଡ ନିରୁପମା ବେହେରା, ସଭାପତି କମ୍ରେଡ ସଂଯୁକ୍ତା ସାହୁ, ଜିଲ୍ଲା କମିଟି ସଭ୍ୟା କମ୍ରେଡ ପ୍ରଭାତୀ ମଲ୍ଲିକଙ୍କ ନେତୃତ୍ୱରେ ଯାଜପୁର ଜିଲ୍ଲାର ବିଭିନ୍ନ ଅଞ୍ଚଳରେ ନେତାଜୀ ଜୟନ୍ତୀ ସମାରୋହ ପାଳନ ହୋଇଥିଲା। ଭୁବନେଶ୍ୱର ଏବଂ ଜଗତସିଂପୁର ଜିଲ୍ଲାରେ ଏଆଇଡିଏସଓ ରାଜ୍ୟ କୋଷାଧ୍ୟକ୍ଷା କମ୍ରେଡ ଶପ୍ତର୍ଷିନୀ ରାଉଳଙ୍କ ନେତୃତ୍ୱରେ ନେତାଜୀ ଜୟନ୍ତୀ ପାଳନ ହୋଇଥିଲା। ଖୋର୍ଦ୍ଧା ଲୋକାଲ କମିଟି ଉଦ୍ୟୋଗରେ ରାଇରଙ୍ଗ ଗ୍ରାମଠାରେ ମଧ୍ୟ ଏକ ସାଧାରଣ ସଭା ଅନୁଷ୍ଠିତ ହୋଇଥିଲା। ଏହି ସଭାରେ ମୁଖ୍ୟ ବକ୍ତା ଭାବେ ଲୋକାଲ କମିଟିର ସମ୍ପାଦକ କମ୍ରେଡ ଅବିନାଶ ପ୍ରଧାନ ବକ୍ତବ୍ୟ ରଖିଥିଲେ ଏବଂ ସଭା ପରିଚାଳନା କରିଥିଲେ ଲୋକାଲ କମିଟିର ସଭାପତି କମ୍ରେଡ ଶ୍ରୀକାନ୍ତ ନାୟକ। ଅନୁଗୋଳ ଜିଲ୍ଲାର ବିଭିନ୍ନ ଅଞ୍ଚଳରେ ଜିଲ୍ଲା ସଭାପତି କମ୍ରେଡ ପରମାନନ୍ଦ ସାହୁ ଏବଂ ସମ୍ପାଦକ ନାରାୟଣ ନାୟକଙ୍କ ନେତୃତ୍ୱରେ, ବାଲେଶ୍ୱର ଜିଲ୍ଲାର ବିଭିନ୍ନ ଅଞ୍ଚଳରେ ସଙ୍ଗଠନର ଜିଲ୍ଲା ସଭାପତି କମ୍ରେଡ ହରେକୃଷ୍ଣ ଦାସ ଏବଂ ସମ୍ପାଦକ କମ୍ରେଡ ପ୍ରଶାନ୍ତ ଦାସଙ୍କ ନେତୃତ୍ୱରେ, ମୟୁରଭଞ୍ଜ ଜିଲ୍ଲାର ବିଭିନ୍ନ ଅଞ୍ଚଳରେ ଜିଲ୍ଲା ସଭାପତି କମ୍ରେଡ ମଧୁସୂଦନ ନାଏକ, ସମ୍ପାଦକ କମ୍ରେଡ ଫୁଲଚାନ୍ଦ ଲୋହାର ଏବଂ ଅଫିସ ସମ୍ପାଦକ କମ୍ରେଡ ଯତୀନ ବାନରାଙ୍କ ନେତୃତ୍ୱରେ, କେନ୍ଦୁଝର ଜିଲ୍ଲାରେ କମ୍ରେଡ ଗୌର ପାତ୍ରଙ୍କ ନେତୃତ୍ୱରେ ନେତାଜୀ ଜୟନ୍ତୀ ଯଥାଯୋଗ୍ୟ ମର୍ଯ୍ୟାଦାର ସହ ପାଳନ କରାଯାଇଛି। ★★★

## ଭଞ୍ଜନଗରରେ ନେତାଜୀ ସୁଭାଷ ଚନ୍ଦ୍ର ବୋଷଙ୍କ ଜୟନ୍ତୀ ପାଳିତ



ଜାନୁଆରୀ ୨୭ ତାରିଖ ଦିନ ସାରା ଓଡ଼ିଶା ନେତାଜୀ ସୁଭାଷ ଜୟନ୍ତୀ କମିଟି, ଗଞ୍ଜାମ ଜିଲ୍ଲା ପକ୍ଷରୁ ଭଞ୍ଜ ସାହିତ୍ୟ ପରିଷଦ, ଭଞ୍ଜନଗର ଠାରେ ନେତାଜୀ ଜୟନ୍ତୀ ଉପଲକ୍ଷେ ଏକ ସଭା ଅନୁଷ୍ଠିତ ହୋଇଛି। ଏହି ଉପଲକ୍ଷେ ଜାନୁଆରୀ ୧୯ ତାରିଖ ଦିନ ସତ୍ୟସାଇ ବିଦ୍ୟାବିହାର ଠାରେ ବିଦ୍ୟାଳୟ ଓ ମହାବିଦ୍ୟାଳୟସ୍ତରୀୟ ପ୍ରବନ୍ଧ, ସାଧାରଣଜ୍ଞାନ, ଚିତ୍ର ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ସାଧାରଣ ସଭାରେ ସଂଗଠନର ଜିଲ୍ଲା ସଭାପତି ସାହିତ୍ୟିକା ଡଃ. ବିଧୁପ୍ରଭା ରଥ ସଭାପତିତ୍ୱ କରିଥିଲେ। ଏହି ସଭାରେ ମୁଖ୍ୟ ଅତିଥି ଭାବେ ସାହିତ୍ୟିକ କମ୍ବୁପାଣି ସାମନ୍ତରାୟ, ସମ୍ମାନନୀୟ ଅତିଥି ଭାବେ ସମାଜ ସେବୀ ଶୂଳପାଣି ଶତପଥୀ, ମୁଖ୍ୟବକ୍ତା ଭାବେ ସଂଗଠନର ସମ୍ପାଦକ ସୋମନାଥ ବେହେରା ଯୋଗଦେଇ ଛାତ୍ରଛାତ୍ରୀମାନଙ୍କୁ ନେତାଜୀଙ୍କ ଅପୂରିତ ସ୍ୱପ୍ନକୁ ପୂରଣ କରିବା ପାଇଁ ଆହ୍ୱାନ ଦେଇଥିଲେ। ପ୍ରାରମ୍ଭିକ ବକ୍ତବ୍ୟ ରଖିଥିଲେ ନିମାଇଁ ଚରଣ ସାହୁ। ପ୍ରାରମ୍ଭିକ ସଙ୍ଗୀତ ଗାନ କରିଥିଲେ ବିଶ୍ୱଜିତା ରାଉତରାୟ। ସଭା ଶେଷରେ ପ୍ରତିଯୋଗିତାର କୃତି ପ୍ରତିଯୋଗୀଙ୍କୁ ପୁରସ୍କାର ଦେବା ସହିତ ସମସ୍ତ ପ୍ରତିଯୋଗୀଙ୍କୁ ସାର୍ଟିଫିକେଟ ପ୍ରଦାନ କରାଯାଇଥିଲା। କାର୍ଯ୍ୟକ୍ରମ ସ୍ଥଳରେ ନେତାଜୀଙ୍କ ଉଦ୍ଧୃତି ଏବଂ ବିରଳ ଫଟୋ ପ୍ରଦର୍ଶନୀ କରାଯିବା ସହିତ ପ୍ରତିଯୋଗୀଙ୍କ ଦ୍ୱାରା ଅଙ୍କିତ ଚିତ୍ରଗୁଡ଼ିକ ମଧ୍ୟ ପ୍ରଦର୍ଶିତ ହୋଇଥିଲା।

## ଜଗତସିଂପୁର ଜିଲ୍ଲା ବାଇଶି ମୌଜାରେ ନେତାଜୀ ଜୟନ୍ତୀ ପାଳିତ




ବିରିଡ଼ି ବ୍ଲକ ସ୍ତରୀୟ ନେତାଜୀ ଜୟନ୍ତୀ କମିଟି ଉଦ୍ୟୋଗରେ ଜଗତସିଂପୁର ଜିଲ୍ଲାର ପୂରଣ ଗ୍ରାମରେ ନେତାଜୀ ସୁଭାଷ ବୋଷଙ୍କ ଜୟନ୍ତୀ ପାଳିତ ହେଇଚି। ଏହି ଉପଲକ୍ଷେ ସକାଳେ ସ୍କୁଲ ଛାତ୍ର ମାନେ ପ୍ରଭାତଫେରି କରିଥିଲେ। ଏହାପରେ କମିଟିର ସଭାପତି ତଥା ଅବସରପ୍ରାପ୍ତ ଶିକ୍ଷକ ଶ୍ରୀଯୁକ୍ତ ବସନ୍ତ କୁମାର ସାହୁଙ୍କ ସଭାପତିତ୍ୱରେ ସକାଳ ୧୦ଟା ସମୟରେ ମା ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ଠାରେ ନେତାଜୀ ଜୟନ୍ତୀ ଉପଲକ୍ଷେ ଏକ ସଭା ଅନୁଷ୍ଠିତ ହେଇଥିଲା। ଏହି ସଭାରେ ସମାଜସେବୀ ଶ୍ରୀଯୁକ୍ତ ପ୍ରଶାନ୍ତ କୁମାର ଦାସ ମୁଖ୍ୟ ଅତିଥି ଓ ବିଶ୍ୱାବସୁ ଦାସ ମୁଖ୍ୟ ବକ୍ତା ଭାବରେ ଯୋଗଦେଇଥିଲେ। ଅନ୍ୟ ମାନଙ୍କ ମଧ୍ୟରେ କମିଟିର ଉପ ସଭପତି ତଥା ଅବସରପ୍ରାପ୍ତ ଶିକ୍ଷକ ଶ୍ରୀଯୁକ୍ତ ନିକୁଞ୍ଜ ବିହାରୀ ଭଞ୍ଜ, ଶ୍ରୀଯୁକ୍ତ ପ୍ରକାଶ ରଞ୍ଜନ ଦାଶ, ସମାଜସେବୀ ମଙ୍ଗୁଳି ଦାସ, ସମାଜସେବୀ ନାରାୟଣ ଭୋଳ, ଅଭିମନ୍ୟୁ ଭୋଇ, ବରିଷ୍ଠ ଶିକ୍ଷକ ରବି ଦାସ,ଅଧ୍ୟାପକ ବିଦ୍ୟୁତ ଭୂଷଣ ମହାରଣା, ପୂରଣ ଗ୍ରାମ ପଞ୍ଚାୟତ ସରପଞ୍ଚ ଯୁଧିଷ୍ଠିର ବେହେରା ଓ କମିଟିର ସମ୍ପାଦକ ଗଙ୍ଗାଧର ଦାସ ପ୍ରମୁଖ ନେତାଜୀଙ୍କ ଜୀବନ ସଂଗ୍ରାମ ଓ ସ୍ୱାଧୀନତା ଆନ୍ଦୋଳନରେ ତାଙ୍କ ଭୂମିକା ସମ୍ପର୍କରେ ଆଲୋଚନା କରିଥିଲେ। ଶିକ୍ଷୟିତ୍ରୀ ସସ୍ମିତା ସାହୁ ଧନ୍ୟବାଦ ଅର୍ପଣ କରିଥିଲେ। ଶେଷରେ ପୁରସ୍କାର ବିତରଣ କରାଯାଇଥିଲା।

## ଗନ୍ଧମାର୍ଦ୍ଦନ ସୁରକ୍ଷା ମହାସମାବେଶରେ ଏଆଇଡିଏସଓ, ଏଆଇଡିୱାଇଓ ଓ ଏଆଇଏମଏସଏସ ସାମିଲ

ଗତ ୨୫ ନଭେମ୍ବର ୨୦୨୪ରୁ ଗନ୍ଧମାର୍ଦ୍ଦନ ସୁରକ୍ଷା ଯୁବ ପରିଷଦ ହରିଶଙ୍କର ଶାଖା ପକ୍ଷରୁ ଗନ୍ଧମାର୍ଦ୍ଦନରେ ଖଣିଖନନ ବନ୍ଦ କରିବା, ଗନ୍ଧମାର୍ଦ୍ଦନ ସ୍ଥାୟୀ ସୁରକ୍ଷା ଆଇନ ପ୍ରଣୟନ କରିବା, ଆଦି ଦାବିରେ ଖପ୍ରାଖୋଲ ବ୍ଲକ ତହସିଲ କାର୍ଯ୍ୟାଳୟ ସମ୍ମୁଖରେ ଗଣଧାରଣା ଚାଲିଛି । ଗଣଧାରଣା ଚାଲିଥିବା ସମୟରେ ଉଭୟ ରାଜ୍ୟ ଓ କେନ୍ଦ୍ର ସରକାର ପକ୍ଷରୁ କୌଣସି ପ୍ରତିକ୍ରିୟା ମିଳି ନଥିବାରୁ ଗଣଧାରଣାର ୫୬ତମ ଦିବସରେ ପଶ୍ଚିମ ଓଡ଼ିଶା ମହାସମାବେଶର ଡାକରା ଦିଆଯାଇଥିଲା। ଏହି ସମାବେଶରେ ଏଆଇଡିଏସଓ ର ବଲାଙ୍ଗୀର ଜିଲ୍ଲା ସମ୍ପାଦିକା କମ୍ରେଡ ଗୌରୀ ରାଉତ,ଏଆଇଡିୱାଇଓର ଜିଲ୍ଲା ସମ୍ପାଦକ କମ୍ରେଡ଼ ତାମସ କୁମାର ବେହେରା, ଏଆଇଏମ୍ଏସ୍ଏସ୍ର ନେତ୍ରୀ କମ୍ରେଡ ଚନ୍ଦ୍ରିକା ସାହୁଙ୍କ ସହ ଶତାଧିକ ଛାତ୍ର ଯୁବ ମହିଳା ଏକ ଶୋଭାଯାତ୍ରାରେ ଆଦର୍ଶ ବିଦ୍ୟାଳୟ ସମ୍ମୁଖରେ ଚାଲିଥିବା ସମାବେଶରେ ସାମିଲ ହୋଇଥିଲେ। ମହାସଭାର ମଂଚରେ ବିଭିନ୍ନ ସଂଗଠନର ନେତୃମଣ୍ଡଳୀଙ୍କ ସହିତ ଏଆଇଡିଏସଓ ର ପୂର୍ବତନ ସର୍ବଭାରତୀୟ ସାଧାରଣ ସମ୍ପାଦକ କମ୍ରେଡ ଅଶୋକ ମିଶ୍ର ଏବଂ ଏଆଇଡିଏସଓ ବଲାଙ୍ଗୀର ଜିଲ୍ଲା ସଭାପତି କମ୍ରେଡ଼ ମଧୁସୂଦନ ବାଗ ମଂଚାସୀନ ହୋଇଥିଲେ। କମ୍ରେଡ ଅଶୋକ ମିଶ୍ର ତାଙ୍କ ବକ୍ତବ୍ୟରେ ଦିଲ୍ଲୀର ଐତିହାସିକ ଆନ୍ଦୋଳନରୁ ଶିକ୍ଷାନେଇ ଛାତ୍ର, ଯୁବକ, ଚାଷୀ ମୁଲିଆ ଆଗେଇ ଆସି ଆନ୍ଦୋଳନକୁ ଶକ୍ତିଶାଳୀ କରିବା ପାଇଁ ଆହ୍ୱାନ ଦେଇଥିଲେ ।

## ବାମରା ବ୍ଲକର କୁଟାରୀମାଲଠାରେ ନେତାଜୀ ଜୟନ୍ତୀ ପାଳିତ



ସମ୍ବଲପୁର ଜିଲ୍ଲାର ବାମରା ବ୍ଲକ ଅନ୍ତର୍ଗତ କୁଟାରୀମାଲଠାରେ ନେତାଜୀ ସୁଭାଷ ବୋଷଙ୍କ ୧୨୮ ତମ ଜୟନ୍ତୀ ଶ୍ରମିକ ସଂଗଠନ ଏଆଇୟୁଟିୟୁସି, ଚାଷୀ ସଂଗଠନ ଏଆଇକେକେଏମ୍ଏସ୍ ଏବଂ ଯୁବ ସଂଗଠନ ଏଆଇଡିୱାଇଓ ବାମରା ବ୍ଲକ କମିଟି ତରଫରୁ ପାଳିତ ହୋଇଛି। ଏହି ଉପଲକ୍ଷେ ଏକ ସାଧାରଣ ସଭା କୁଟାରୀମାଲ ଠାରେ ଅନୁଷ୍ଠିତ ହୋଇଥିଲା। ଚାଷୀ ନେତା ଲକ୍ଷ୍ମୀନାରାୟଣ ଛତ୍ରୀଆଙ୍କ ସଭାପତିତ୍ୱରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ କୁଟାରୀମାଲ ହାଇସ୍କୁଲର ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ଶ୍ରୀ ସରୋଜ କୁମାର ନାୟକ ମୁଖ୍ୟ ଅତିଥି ଓ ଶ୍ରମିକ ନେତା ବିଷ୍ଣୁ ପଣ୍ଡା ମୁଖ୍ୟବକ୍ତା ଭାବେ ଯୋଗଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ହରିହର ଟପ୍ପୋ, ବିନୋଦ କାହାଳି, ମମତା ମହାନନ୍ଦ ଓ ଚାଷୀ ପରମାନନ୍ଦ କିଷାନ ପ୍ରମୁଖ ନେତାଜୀଙ୍କ ସମ୍ପର୍କରେ ଆଲୋଚନା କରିଥିଲେ। ଏଥିରେ ବହୁ ସଂଖ୍ୟାରେ ଶ୍ରମିକ, ଚାଷୀ, ମହିଳା ଓ ଛାତ୍ରଛାତ୍ରୀ ଉପସ୍ଥିତ ଥିଲେ।

# ନୂତନ ଜାତୀୟ କୃଷି ବଜାର ନୀତି ସମ୍ପର୍କିତ ଚିଠା କାର୍ଯ୍ୟତଃ ବାତିଲ ହୋଇଥିବା ତିନିଟି ଜନବିରୋଧୀ, କୃଷକ ବିରୋଧୀ କଳା ଆଇନର ପୁନଃ ପ୍ରବର୍ତ୍ତନ

*ସଂପ୍ରତି କେନ୍ଦ୍ର ବିଜେପି ସରକାର ଦେଶର ଚାଷୀ ମାନଙ୍କୁ ସେମାନଙ୍କ ଫସଲର ଉପଯୁକ୍ତ ଦର ପାଇବାର ସୁଯୋଗ ସୃଷ୍ଟି କରିବା ଆଳରେ କୃଷିଜାତ ସାମଗ୍ରୀର ଖରିଦ୍ ବିକ୍ରି ସଂକ୍ରାନ୍ତିୟ ଏକ ଚିଠା ଦଲିଲ ଜାରୀ କରିଛନ୍ତି। ଏହି ଦଲିଲର ବିଭିନ୍ନ ମାରାତ୍ମକ ଦିଗ ସଂପର୍କରେ ବିଶ୍ଳେଷଣ କରି ପ୍ରସ୍ତୁତ ନିବନ୍ଧର ପ୍ରଥମ ଭାଗଟି ସର୍ବହରା କ୍ରାନ୍ତିର ଚଳିତ ସଂଖ୍ୟାରେ ପ୍ରକାଶ କରାଯାଉଛି। ଏହାର ଶେଷଭାଗ ଫେବୃୟାରୀ ୧୬ ସଂଖ୍ୟାରେ ପ୍ରକାଶ କରାଯିବ। ସଂପାଦକ- ସର୍ବହରା କ୍ରାନ୍ତି*

ପ୍ରଥମେ ପାଠକ ମାନଙ୍କୁ ସ୍ମରଣ କରାଇ ଦେବାକୁ ଚାହୁଁ ଯେ ପ୍ରବଳ ଶୀତ ଅସହ୍ୟ ରୌଦ୍ର ତାପକୁ ଖାତିର ନକରି ବିଜେପି ନେତୃତ୍ୱରେ ପରିଚାଳିତ କେନ୍ଦ୍ର ସରକାର ପ୍ରଣୟନ କରିଥିବା ତିନିଟି କଳା କୃଷି ଆଇନ ପ୍ରତ୍ୟାହାର ଦାବିରେ ଦିଲ୍ଲୀ ସୀମାରେ କୃଷକ ମାନେ ଲଗାତାର ୧୩ ମାସ ଧରି ନଜିର ବିହୀନ ଆନ୍ଦୋଳନ ପରିଚାଳନା କରିଥିଲେ। ଆନ୍ଦୋଳନକାରୀ କୃଷକ ମାନଙ୍କର ମୁଖ୍ୟ ଦାବିଥିଲା କୃଷକ ବିରୋଧୀ ଓ କର୍ପୋରେଟ ସପକ୍ଷବାଦୀ ତିନିଟି କଳା କୃଷି ଆଇନ ପ୍ରତ୍ୟାହାର, ଜନ ବିରୋଧି ବିଦ୍ୟୁତ୍ ଆଇନ ପ୍ରତ୍ୟାହାର ଓ ଫସଲର ସର୍ବନିମ୍ନ ସହାୟକ ଦର(MSP)କୁ ଆଇନଗତ ମାନ୍ୟତା ଦେବା। ଏହି ଆନ୍ଦୋଳନରେ ୭୫୦ ରୁ ଅଧିକ ଲୋକ ଶହୀଦର ମୃତ୍ୟୁ ବରଣ କରିଥିଲେ ଏବଂ ଶେଷ ପର୍ଯ୍ୟନ୍ତ ଆନ୍ଦୋଳନକାରୀ କୃଷକ ମାନଙ୍କର ଦୃଢ଼ ପ୍ରତିଜ୍ଞା ସମ୍ମୁଖରେ ଅତ୍ୟନ୍ତ ଉଦ୍ଧତ କେନ୍ଦ୍ର ସରକାର ମଥା ନତ କରିବାକୁ ବାଧ ହୋଇଥିଲା। ତିନିଟି କଳା କୃଷି ଆଇନ ପ୍ରତ୍ୟାହୃତ ହେଲା। ମାତ୍ର ସରକାରଙ୍କର ପ୍ରତିଶ୍ରୁତି ସତ୍ତ୍ୱେ ଏବେବି ଫସଲର ଏମଏସପିକୁ ଆଇନଗତ ମାନ୍ୟତା ପ୍ରଦାନ କରାଯାଇନାହିଁ। ଚାଷୀମାନେ ଆଜିବି ଏହି ଦାବିରେ ଆନ୍ଦୋଳନ କରୁଛନ୍ତି। କେବଳ ସେତିକି ନୁହେଁ ଦେଶୀ ବିଦେଶୀ ଏକଚାଟିଆ ପୁଞ୍ଜିପତି ମାନଙ୍କ ସ୍ୱାର୍ଥରେ କେନ୍ଦ୍ର ବିଜେପି ସରକାର ପଛ ଦ୍ୱାର ଦେଇ ଏହି କଳା ଆଇନ ଗୁଡ଼ିକୁ ପୁନର୍ବାର ଲାଗୁ କରିବାପାଇଁ ଚକ୍ରାନ୍ତ କରୁଛି।

ଏହି ପରିସ୍ଥିତିରେ ଗତ ନଭେମ୍ବର ୨୫ ତାରିଖରେ କେନ୍ଦ୍ର ସରକାର ଏକ 'ନୂତନ ଜାତୀୟ କୃଷି ବଜାର ନୀତି ସମ୍ପର୍କିତ ଚିଠା'(New National Policy Framework on Agricultural Marketing) ଶିରୋନାମା ରେ ଗୋଟିଏ ଚିଠା ଦଲିଲ ଜାରି କରିଛନ୍ତି। ସରକାରଙ୍କ ଘୋଷଣା ଅନୁଯାୟୀ ଏହି ନୀତିର ଲକ୍ଷ୍ୟ ହେଉଛି ଦେଶରେ ଗୋଟିଏ ଚଳ ଚଂଚଳ ବଜାର ଭିତ୍ତିକ କୃଷି ପଣ୍ୟ କାରବାର ସ୍ଥଳ ସୃଷ୍ଟି କରିବା, ଯେଉଁଠି ସମସ୍ତ ବର୍ଗର କୃଷକ ସରକାରୀ ମଣ୍ଡି ସହିତ ସମାନ୍ତରାଳ ଭାବରେ ନିଜ ଫସଲ ବିକ୍ରି କରିବାପାଇଁ ଏକ ବିକଳ୍ପ ବଜାର ପାଇବେ ଏବଂ ସେମାନଙ୍କ ଦ୍ୱାରା ଉତ୍ପାଦିତ ଫସଲକୁ ସର୍ବୋଚ୍ଚ ଦରରେ ବିକ୍ରୀ କରିପାରିବେ। ଏହି ବ୍ୟବସ୍ଥା ସରକାରୀ ଓ ବେସରକାରୀ ଉଦ୍ୟୋଗ ମାନଙ୍କର ଭାଗିଦାରୀ ମାଧ୍ୟମରେ ହେବ। ସରକାରଙ୍କ ଦାବି ଅନୁଯାୟୀ କୃଷକ ମାନଙ୍କୁ ଏହି ସୁବିଧା ଦେବାକୁ ହେଲେ କୃଷି ବଜାର ଆଇନ ଓ ସେ ସଂପର୍କିତ ନୀତି ଗୁଡ଼ିକର ପରିବର୍ତ୍ତନ ଏକାନ୍ତ ଜରୁରୀ। ଏହି ଆବଶ୍ୟକତାକୁ ପୂରଣ କରିବାପାଇଁ ଉପରୋକ୍ତ ଚିଠାରେ ପ୍ରସ୍ତାବ ମାନ ଆଗତ କରାଯାଇଛି ବୋଲି ସରକାର ଦାବି କରୁଛନ୍ତି।

### ନୂଆ ନୀତିରେ କଣ ଅଛି ?

ବର୍ତ୍ତମାନ ଦେଖାଯାଉ ଏହି ଘୋଷିତ ଉଦ୍ଦେଶ୍ୟ ପୂରଣ କରିବାପାଇଁ ଉପରୋକ୍ତ ଚିଠା ଜରିଆରେ ସରକାର କି କି ପ୍ରସ୍ତାବ ଆଗତ କରିଛନ୍ତି। ପ୍ରଥମତଃ ଏହି ଚିଠାରେ ହୋଲସେଲ ବେସରକାରୀ କୃଷି ବଜାର ସ୍ଥାପନ କରିବାପାଇଁ ପ୍ରସ୍ତାବ ରଖାଯାଇଛି। ଦ୍ୱିତୀୟତଃ କୃଷି କ୍ଷେତ୍ରରେ ପ୍ରଯୁକ୍ତିବିଦ୍ୟାର ପ୍ରୟୋଗ କରି କୃଷି ବ୍ୟବସ୍ଥାର ରୁପାନ୍ତରୀକରଣ ଘଟାଉଥିବା, କୃଷି ପଣ୍ୟ ରପ୍ତାନୀ କରୁଥିବା, ସଂଗଠିତ ଭାବରେ କୃଷି ପଣ୍ୟରେ ବ୍ୟବସାୟ କରୁଥିବା ଓ ଅନ୍ୟ ଖରିଦଦାରଙ୍କୁ କୃଷକ ମାନଙ୍କ ନିକଟରୁ ସିଧାସଳଖ ଫସଲ ଖରିଦ କରିବା ପାଇଁ ସୁଯୋଗ ଦେବା। ତୃତୀୟତଃ ଚୁକ୍ତି ଚାଷ (Contract Farming) ପ୍ରଣୟନ ଜରିଆରେ କୃଷି ବଜାରର ଲାଭ କ୍ଷତି କୁ ନିୟନ୍ତ୍ରଣ କରିବା। ଚତୁର୍ଥତଃ, ପ୍ରଧାନମନ୍ତ୍ରୀ ଫସଲ ବୀମା ଯୋଜନା ଭଳି କୃଷକ ମାନଙ୍କ ପାଇଁ ଏକ ନୂତନ ବୀମା ଯୋଜନା ପ୍ରଚଳନ କରିବା।

### ଏ କ୍ଷେତ୍ରରେ ବର୍ତ୍ତମାନ ଅନୁସରଣ କରାଯାଉଥିବା ନୀତି

ସରକାରଙ୍କ ଦ୍ୱାରା ପ୍ରସ୍ତାବିତ ପରିବର୍ତ୍ତନ ଗୁଡ଼ିକର ବିଭିନ୍ନ ଦିଗ ସମ୍ପର୍କରେ ଆଲୋଚନା କରିବା ପୂର୍ବରୁ ଆମେ ଏଠାରେ କୃଷି ପଣ୍ୟ ବା କୃଷକ ଉତ୍ପାଦନ କରୁଥିବା ଫସଲର ଖରିଦ ବିକ୍ରି କ୍ଷେତ୍ରରେ ବର୍ତ୍ତମାନ ଅନୁସରଣ କରାଯାଉଥିବା ପଦ୍ଧତି ସମ୍ପର୍କରେ ସଂକ୍ଷେପରେ ସୂଚନା ଦେବା ଆବଶ୍ୟକ ମନେକରୁଛୁ। ଉଲ୍ଲେଖଯୋଗ୍ୟ ବର୍ତ୍ତମାନ ସମଗ୍ର ଦେଶରେ ୭୦୫୭ ଟି ସଂଗଠିତ ହୋଲସେଲ ବଜାର ଏପିଏମସି (Agricultural Produce Market Committee - APMC) ଆଇନ ଅନୁଯାୟୀ ପ୍ରତିଷ୍ଠିତ ହୋଇଛି। ଏହା ବ୍ୟତିତ ଦେଶରେ ୫୦୦ ରୁ ଊର୍ଦ୍ଧ୍ୱ ଅନିୟନ୍ତ୍ରିତ ବଜାର ଓ ୨୨୯୩୧ ଟି ଗ୍ରାମୀଣ ହାଟ ରହିଛି, ଯାହା ମୁଖ୍ୟତଃ ଗ୍ରାମୀଣ କ୍ଷୁଦ୍ର ବ୍ୟବସାୟୀ ମାନଙ୍କ ଦ୍ୱାରା ନିୟନ୍ତ୍ରିତ ହୁଏ। ଏପିଏମସି ଆଇନ ଅନୁଯାୟୀ କୃଷକ ତାର ଉତ୍ପାଦିତ ଫସଲକୁ ଏପିଏମସି ଦ୍ୱାରା ପ୍ରତିଷ୍ଠିତ ମଣ୍ଡିରେ ଏପିଏମସି ଦ୍ୱାରା ସ୍ୱୀକୃତିପ୍ରାପ୍ତ ଲାଇସେନ୍ସ ଧାରୀ ବ୍ୟବସାୟୀ ମାନଙ୍କୁ ବିକ୍ରି କରିପାରିବ। ସୂଚନାଯୋଗ୍ୟ , କୃଷକ ମାନଙ୍କର ସ୍ୱାର୍ଥ ରକ୍ଷା କରିବା ଉଦ୍ଦେଶ୍ୟରେ ଗଠିତ ଏପିଏମସି ସଂପୃକ୍ତ କୃଷକ ମାନଙ୍କ ଦ୍ୱାରା ନିର୍ବାଚିତ ଏକ ସଂସ୍ଥା। ଏହା କୃଷକ ମାନଙ୍କର ସବୁପ୍ରକାର ସ୍ୱାର୍ଥ ରକ୍ଷା କରିବାରେ ସବୁବେଳେ ସକ୍ଷମ ନହେଲେ ମଧ୍ୟ ଏହାର ଲାଇସେନ୍ସ ଧାରୀ ବ୍ୟବସାୟୀ ମାନଙ୍କ ଉପରେ କିଛିଟା ନିୟନ୍ତ୍ରଣ ରକ୍ଷା କରାଯାଇ ପାରୁଥିଲା ଏବଂ ଫସଲର ବିକ୍ରି ଦର ନିର୍ଦ୍ଧାରଣ କ୍ଷେତ୍ରରେ କିଛିଟା ପାରଦର୍ଶିତା ରକ୍ଷା ହୋଇପାରୁଥିଲା। ମାତ୍ର ବିଗତ ଶତାବ୍ଦୀର ନବେ ଦଶକର ପ୍ରାରମ୍ଭରେ ତତ୍କାଳୀନ କେନ୍ଦ୍ର କଂଗ୍ରେସ ସରକାର ଦ୍ୱାରା ଲାଗୁ କରାଯାଇଥିବା ଘରୋଇକରଣ, ଉଦାରୀକରଣ ଓ ଜଗତୀକରଣ ନୀତି ଲାଗୁ କରାଯିବା ପରେ ଏପିଏମସି ମଣ୍ଡି ସହିତ ଘରୋଇ ମଣ୍ଡି ଖୋଲିବା ପାଇଁ ବ୍ୟବସାୟୀ ମାନଙ୍କୁ ସୁଯୋଗ ଦିଆଗଲା। ଏହି ନିଷ୍ପତ୍ତି ଗ୍ରହଣ କରିବା ସମୟରେ କଂଗ୍ରେସ ସରକାର ଯୁକ୍ତି କରିଥିଲେ ଯେ ଏହା ଫଳରେ ଚାଷୀ ତାର ଫସଲ ବିକ୍ରି ପାଇଁ ଅଧିକ ସ୍ୱାଧୀନତା ପାଇବ। ଚାଷୀ ଚାହିଁଲେ ଅଧିକ ଦରରେ ଘରୋଇ ମଣ୍ଡିରେ ମଧ୍ୟ ଫସଲ ବିକ୍ରି କରି ପାରିବ। ଏହା ଫଳରେ ଚାଷୀ ତାର ଫସଲ ପାଇଁ ସର୍ବାଧିକ ସମ୍ଭବ ଦର ପାଇପାରିବ ବୋଲି ସେତେବେଳେ ସରକାର ଯୁକ୍ତି କରିଥିଲେ। ମାତ୍ର ଠିକ୍ ଏହାର ବିପରୀତ ଯୋଜନାକୁ କାର୍ଯ୍ୟକାରୀ କରିବା ସରକାରଙ୍କର ଅସଲ ଉଦ୍ଦେଶ୍ୟ ଥିଲା। ତେବେ ସେହି ସମୟରେ ଉପରୋକ୍ତ ପ୍ରସ୍ତାବ କାର୍ଯ୍ୟକାରୀ ହୋଇନଥିଲା। ୨୦୦୪ ମସିହାରେ ଏପିଏମସି ଆଇନରେ ପରିବର୍ତ୍ତନ କରାଗଲା ଏବଂ ସମାନ୍ତରାଳ ଘରୋଇ ମଣ୍ଡି ଖୋଲିବା ବ୍ୟବସ୍ଥା କରାଗଲା। ଏହା ଫଳରେ

(ଅବଶିଷ୍ଟାଂଶ ୭ମ ପୃଷ୍ଠାରେ)

# ପ୍ରିପେଡ୍ ସ୍ମାର୍ଟ ବିଦ୍ୟୁତ ମିଟର ପ୍ରଚଳନ ପ୍ରତିବାଦରେ ରାଜ୍ୟର ବିଭିନ୍ନ ସ୍ଥାନରେ ବିକ୍ଷୋଭ




ରାଜ୍ୟରେ ପ୍ରିପେଡ୍ ସ୍ମାର୍ଟ ବିଦ୍ୟୁତ ମିଟର ପ୍ରଚଳନ ଏବଂ ଅନ୍ୟାନ୍ୟ ଦାବିରେ ଅଲ୍ ଇଣ୍ଡିଆ ଇଲେକ୍ଟ୍ରିସିଟି କଂଜୁମର୍ସ ଆସୋସିଏସନ୍ ଦ୍ୱାରା ରାଜ୍ୟର ବିଭିନ୍ନ ସ୍ଥାନରେ ବିଦ୍ୟୁତ୍ ଉପଭୋକ୍ତାଙ୍କ ବିକ୍ଷୋଭ ଅନୁଷ୍ଠିତ ହୋଇ ଯାଇଛି। କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ନିଷ୍ପତ୍ତି କ୍ରମେ ଘରୋଇ ବିଦ୍ୟୁତ୍ ବଣ୍ଟନ କମ୍ପାନୀ ଟାଟା ପାୱାର ପକ୍ଷରୁ ପ୍ରିପେଡ୍ ସ୍ମାର୍ଟ ବିଦ୍ୟୁତ ମିଟର ଲଗାଇବା ବନ୍ଦ କରିବା, ଟାଇମ୍ ଅଫ୍ ଡେ ତାରିଫ୍ (ଅଧିକ ବିଦ୍ୟୁତ୍ ବ୍ୟବହାର ହେଉଥିବା ସମୟ ପାଇଁ ବିଦ୍ୟୁତ୍ ୟୁନିଟ ପ୍ରତି ଦର ଅଧିକ) ଲାଗୁ କରିବା ନିଷ୍ପତ୍ତି ପ୍ରତ୍ୟାହାର କରିବା, ବିଦ୍ୟୁତ୍ ସଂଶୋଧନ ବିଲ ୨୦୨୨ ପ୍ରତ୍ୟାହାର କରିବା, ବିଦ୍ୟୁତ୍ ସେବାର ଘରୋଇକରଣ ବନ୍ଦ କରିବା, ବିଦ୍ୟୁତ୍ ଶୁଳ୍କ ବୃଦ୍ଧି ପ୍ରସ୍ତାବ ବାତିଲ କରିବା, ବିଦ୍ୟୁତ୍ ଶୁଳ୍କ ଆଦାୟ ନାଁରେ ଉପଭୋକ୍ତାଙ୍କ ଉପରେ ଜୁଲୁମ୍ ବନ୍ଦ କରିବା, ୩୦୦ ୟୁନିଟ୍ ଦେୟମୁକ୍ତ ବିଦ୍ୟୁତ ଯୋଗାଇ ଦେବା,ଘନ ଘନ ବିଦ୍ୟୁତ କାଟ ବନ୍ଦ କରିବା, ଲୋ ଭୋଲଟେଜ୍ ସମସ୍ୟା ସମାଧାନ କରିବା, ଟ୍ରାନ୍ସଫର୍ମର ଅଚଳ ହେଲେ ୨୪ ଘଣ୍ଟା ମଧ୍ୟରେ ଟ୍ରାନ୍ସଫର୍ମର ସଚଳ କରି ବିଦ୍ୟୁତ୍ ଯୋଗାଇ ଦେବା ଆଦି ପ୍ରମୁଖ ଦାବି ଥିଲା।

**ଅନୁଗୋଳ** – ଏହି ପରିପ୍ରେକ୍ଷୀରେ ଜାନୁଆରୀ ୨୪ ତାରିଖରେ ସଂଗଠନ ପକ୍ଷରୁ ଅନୁଗୁଳଠାରେ ରାଜ୍ୟ ଶକ୍ତିମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ୯ଦଫା ଦାବି ସମ୍ବଳିତ ଦାବିପତ୍ରକୁ ଅତିରିକ୍ତ ଜିଲ୍ଲାପାଳଙ୍କୁ ପ୍ରଦାନ କରାଯାଇଥିଲା। ଅଲ୍ ଇଣ୍ଡିଆ ଇଲେକ୍ଟ୍ରିସିଟି କଂଜୁମର୍ସ ଆସୋସିଏସନର ସର୍ବ ଭାରତୀୟ ସମ୍ପାଦକ ମଣ୍ଡଳୀ ସଦସ୍ୟ ପ୍ରହ୍ଲାଦ ଚନ୍ଦ୍ର ସାହୁ, ରାଜ୍ୟ ଆବାହକ ଜୟସେନ ମେହେର,ଅନୁଗୋଳ ଜିଲ୍ଲା ଆବାହକ ତୀର୍ଥବାସୀ ଭୋଇ, ସଂଗଠକ ହେମନ୍ତ କୁମାର ଦାସ, ଅଭିମନ୍ୟୁ ସ୍ୱାଇଁ, ପଠାଣୀ ବାରିହା, ତ୍ରିଲୋଚନ ଜେନା,ଦୁର୍ଯ୍ୟୋଧନ କର, ଜେନାମଣି ରାଉତ, ଦାମୋଦର ଦାସ, ରମେଶ ଚନ୍ଦ୍ର ସାହୁ,ବେଣୁଧର ପ୍ରଧାନ, ନିରୋଦ ଚନ୍ଦ୍ର ପାଳ, ସଞ୍ଜୀୟ ସାହୁ, ପଦ୍ମନାଭ ସାମଲ, ସୁକାନ୍ତ ଦାସଙ୍କ ସମେତ ଶତାଧିକ ବିଦ୍ୟୁତ୍ ଉପଭୋକ୍ତା ଏକ ଶୋଭାଯାତ୍ରାରେ ସହର ପରିକ୍ରମା କରି ଜିଲ୍ଲାପାଳ ଅଫିସ୍ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରିଥିଲେ।




**କଟକ** – ଜାନୁଆରୀ ୨୮ ତାରିଖରେ ବିଦ୍ୟୁତ ଉପଭୋକ୍ତା ମିଳିତ ମଂଚ ପକ୍ଷରୁ ରାଣୀହାଟ ବିଦ୍ୟୁତ ନିର୍ବାହୀ ଯନ୍ତ୍ରୀଙ୍କ ଅଫିସ୍ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଛି। ବସ୍ତି ଓ ଅନ୍ୟାନ୍ୟ ଉପଭୋକ୍ତାଙ୍କ ଘରେ ବଳପୂର୍ବକ ସ୍ମାଟ ମିଟର ଲଗେଇବା ବନ୍ଦ କରାଯିବା ସହ ଯେଉଁ ଲୋକମାନଙ୍କ ଘରେ ଜବରଦସ୍ତ ସ୍ମାଟ ମିଟର ଲଗାଯାଇଛି ତାକୁ ବରୋଧ କରି ବିକ୍ଷୋଭକାରୀ ମାନଙ୍କ ପକ୍ଷରୁ ୧୦ ଦଫା ଦାବିପତ୍ର ନିର୍ବାହୀ ଯନ୍ତ୍ରୀଙ୍କୁ ଦିଆଯାଇଛି। ଶତାଧିକ ଉପଭୋକ୍ତା କଲେଜ ଛକ ଠାରୁ ଏକ ଶୋଭାଯାତ୍ରାରେ ଆସି ବିକ୍ଷୋଭ ପ୍ରଦର୍ଶନ କରିଥିଲେ।

ଏହି ଗଣ ବିକ୍ଷୋଭରେ ବିଦ୍ୟୁତ ଉପଭୋକ୍ତା ମିଳିତ ମଂଚ ପକ୍ଷରୁ ଖଗେଶ୍ୱର ସେଠୀ, ରାଜକିଶୋର ମଲ୍ଲିକ, ବସନ୍ତ ନାୟକ, ସୌଭାଗ୍ୟ ସାମଲ, ଦୀପକ ଦାସ, ଅକ୍ଷୟ ରାଉଳ, ଆଇନଜୀବୀ ପ୍ରତାପ ମିଶ୍ର, ସୁକାନ୍ତ ନାୟକ, ବ୍ରଜବନ୍ଧୁ ପୃଷ୍ଟି, ଇଶ୍ୱର ଚନ୍ଦ୍ର ପଣ୍ଡା, ପ୍ରମୋଦ କୁମାର ମୁଖି, ଶୋଭା ଦେହୁରୀ,ସିପ୍ରା ମହାନ୍ତି, ଝରଣା ଦାସ, ଉଦୟ ଟୁଡୁ, ଲକ୍ଷ୍ମୀ ସିଂ, ଶିବ ବେହେରା, ଟୁନି ମହାକୁଡ଼, ସାବିତ୍ରୀ ହେମ୍ବ୍ରମ ପ୍ରମୁଖ ନେତୃତ୍ୱ ନେଇଥିଲେ।

**ଜଗତସିଂହପୁର** – ଜାନୁଆରୀ ୨୮ ତାରିଖରେ ଅଲ୍ ଇଣ୍ଡିଆ ଇଲେକ୍ଟ୍ରିସିଟି କଂଜୁମର୍ସ ଆସୋସିଏସନ୍ ସହବନ୍ଧିତ ଜଗତସିଂହପୁର ଜିଲ୍ଲା ବିଦ୍ୟୁତ ଉପଭୋକ୍ତା ମିଳିତ ମଂଚ ପକ୍ଷରୁ ୧୦ ଦଫା ଦାବିରେ ଜଗତସିଂହପୁର ଜିଲ୍ଲାପାଳଙ୍କ ଜରିଆରେ ମୁଖ୍ୟମନ୍ତ୍ରୀଙ୍କ



ଉଦ୍ଦେଶ୍ୟରେ ସ୍ମାରକପତ୍ର ପ୍ରଦାନ କରାଯାଇଛି। ପ୍ରିପେଡ ସ୍ମାର୍ଟ ମିଟର ଲଗାଇବା ବନ୍ଦ, ବିଦ୍ୟୁତ ଶୁଳ୍କ ବୃଦ୍ଧି ପ୍ରସ୍ତାବ ବାତିଲ, ବିଦ୍ୟୁତ ସଂଶୋଧନ ବିଲ୍ ୨୦୨୨ ପ୍ରତ୍ୟାହାର, ଟାଇମ୍ ଅଫ୍ ଡେ ତାରିଫ ପ୍ରସ୍ତାବ ବାତିଲ, ବିଦ୍ୟୁତ ଶୁଳ୍କ ଆଦାୟ ନାମରେ ଉପଭୋକ୍ତାଙ୍କ ଉପରେ ଜୁଲମ ବନ୍ଦ, ସମସ୍ତ ଘରୋଇ ଉପଭୋକ୍ତା ଙ୍କୁ ୩୦୦ ୟୁନିଟ ମାଗଣା ବିଦ୍ୟୁତ ଯୋଗାଣ ଆଦି ଦାବିରେ ଦାବିପତ୍ର ଦିଆଯାଇଛି। ମଂଚର ଆବାହକ ଶ୍ରୀଯୁକ୍ତ ବଂଶୀଧର ବେହେରାଙ୍କ ପରିଚାଳନାରେ ଅନୁଷ୍ଠିତ ପ୍ରତିବାଦ ସଭାରେ ବିଶ୍ୱାବସୁ ଦାସ, ସୁବାସ ସ୍ୱାଇଁ, ପ୍ରଦୀପ୍ତ ରାମ, ସଞ୍ଜୀବ ମହାନ୍ତି,ସୁବାସ ଚନ୍ଦ୍ର ପରିଡ଼ା ମହେଶ୍ୱର ଦାସ ପ୍ରମୁଖ ବକ୍ତବ୍ୟ ରଖିଥିଲେ।




**ବାରଙ୍ଗ** – ବାରଙ୍ଗ ବିଦ୍ୟୁତ୍ ବିଭାଗ କନିଷ୍ଠ ଯନ୍ତ୍ରୀଙ୍କ ଅଫିସ ସମ୍ମୁଖରେ ବିଦ୍ୟୁତ୍ ଉପଭୋକ୍ତା ମିଳିତ ମଂଚ ପକ୍ଷରୁ ବିକ୍ଷୋଭ ପ୍ରଦର୍ଶନ କରାଯାଇଛି। ବିକ୍ଷୋଭ ସ୍ଥଳରେ ମାଳବିକା ସାମଲଙ୍କ ସଭାପତିତ୍ୱରେ ଅନୁଷ୍ଠିତ ପ୍ରତିବାଦ ସଭାରେ ବିଦ୍ୟୁତ ଉପଭୋକ୍ତା ମିଳିତ ମଂଚର କଟକ ଜିଲ୍ଲା ଆବାହକ ଖଗେଶ୍ୱର ସେଠୀ, ବସନ୍ତ ନାୟକ, ରାଜକିଶୋର ମଲ୍ଲିକ, ସିଦ୍ଧାର୍ଥ ରଥ, ଅଶୋକ ବେହେରା, ମମତା ମହାପାତ୍ର, ଭାଗ୍ୟଶ୍ରୀ ପ୍ରଧାନ, ରାଜେଶ ରାଉତ ପ୍ରମୁଖ ବକ୍ତବ୍ୟ ପ୍ରଦାନ କରିଥିଲେ। ଏହି ବିକ୍ଷୋଭ ସ୍ଥଳରୁ ବିଦ୍ୟୁତ ନିର୍ବାହୀ ଯନ୍ତ୍ରୀଙ୍କୁ ଏକ ସ୍ମାରକ ପତ୍ର ପ୍ରଦାନ କରାଯାଇଥିଲା।

## *ଟଙ୍କାର ଅବମୂଲ୍ୟାୟନ . . .*

*(୧ମ ପୃଷ୍ଠାର ଅବଶିଷ୍ଟାଂଶ)*

ତତ୍ତ୍ୱ ଦ୍ୱାରା ଯୁକ୍ତିଯୁକ୍ତ, ଯଥାର୍ଥ ଓ ଆଇନ୍ ସିଦ୍ଧ କରାଯାଇଛି । ବସ୍ତୁତଃ ଯୋଗାଣ ଓ ଚାହିଦାକୁ ମଧ୍ୟ କମ୍ ବେଶୀ ସେହି ଏକଚାଟିଆ ପୁଞ୍ଜିପତି ମାନେ କରିଥାନ୍ତି ।

ସୂଚନାଯୋଗ୍ୟ କେବଳ ଯେ ମାର୍କିନ ଡଲାର ତୁଳନାରେ ଭାରତୀୟ ଟଙ୍କାର ମୂଲ୍ୟ ହ୍ରାସ ଘଟିଛି ତାହା ନୁହେଁ; ୟୁରୋ (Euro), ବ୍ରିଟିଶ ପାଉଣ୍ଡ ଷ୍ଟର୍ଲିଙ୍ଗ, ଜାପାନ ର ୟେନ୍ (Yen) ଭଳି ପ୍ରମୁଖ ବିଦେଶୀ ମୁଦ୍ରା ତୁଳନାରେ ବି ଟଙ୍କା ର ମୂଲ୍ୟ ହ୍ରାସ ଘଟୁଛି । କିନ୍ତୁ ମାର୍କିନ୍ ଡଲାର ତୁଳନାରେ ଟଙ୍କା ର ମୂଲ୍ୟ ଚିନ୍ତାଜନକ ଭାବେ ହ୍ରାସ ପାଉଛି । ଆହୁରି ମଧ୍ୟ ଜଣା ପଡିଛି ଯେ, ବାଂଲାଦେଶ, ପାକିସ୍ତାନ, ନେପାଳ, ଭୁଟାନ୍ ଭଳି ଛୋଟ ଦେଶମାନଙ୍କର ମୁଦ୍ରାର ମୂଲ୍ୟ ହ୍ରାସ ଘଟିଛି ସତ କିନ୍ତୁ ଭାରତୀୟ ମୁଦ୍ରା ତୁଳନାରେ କମ୍ ପ୍ରତିଶତ ହ୍ରାସ ଘଟିଛି ।

ଦ୍ୱିତୀୟ ପ୍ରଶ୍ନ ହେଉଛି ଟଙ୍କାରେ ବିଦେଶୀ ମୁଦ୍ରା କିଣିବା ଦରକାର ହୁଏ କାହିଁକି ? ଏହାର କାରଣ ହେଉଛି ବିଦେଶୀ ରାଷ୍ଟ୍ରରୁ ଆମଦାନୀ କରାଯାଉଥିବା ଦ୍ରବ୍ୟର ମୂଲ୍ୟ ଦେବାକୁ ହେବ ଓ ରପ୍ତାନୀ କରାଯାଉଥିବା ଦେଶ ଠାରୁ ପ୍ରାପ୍ୟ ଆଣିବାକୁ ହେବ । ଏହିସବୁ କାରବାର ପାଇଁ ସାରା ବିଶ୍ୱରେ କୌଣସି ସର୍ବ ମାନ୍ୟ ମୁଦ୍ରା (Currency) ନାହିଁ କିମ୍ବା ସୁନା ରୂପା ମୁଦ୍ରା ଐତିହାସିକ କାରଣରୁ ଆଉ ପ୍ରଚଳନରେ ନାହିଁ । ଆମ ଦେଶର ଟଙ୍କା ଅନ୍ୟ ଦେଶରେ କେବଳ କାଗଜ ଟୁକୁରା ସଦୃଶ, ବିଦେଶରେ ଏହାର କୌଣସି ମୂଲ୍ୟ ନାହିଁ । ଯଦି ଦୁଇ ଦେଶ ବୁଝାମଣା ଭିତ୍ତିରେ ପରସ୍ପରର ମୁଦ୍ରା ବିନିମୟ ମୂଲ୍ୟ ସ୍ଥିର କରି ବ୍ୟବସାୟ ବାଣିଜ୍ୟ କରନ୍ତି, ତାହାହେଲେ ଏମିତି ସବୁଦେଶ ସହ କରିବାକୁ ହେବ ଏବଂ ସମସ୍ତଙ୍କୁ ସମସ୍ତଙ୍କର ମୁଦ୍ରା (Currency) ରଖିବାକୁ ପଡିବ, ଯାହା ସମ୍ଭବ ନୁହେଁ ।

ଏହି ସମସ୍ୟାର ସମାଧାନ ପାଇଁ ୧୮୭୦ ମସିହାରେ ବିଭିନ୍ନ ଦେଶ ମିଶି Gold Standard ବ୍ୟବସ୍ଥା ଗ୍ରହଣ କରିଥିଲେ; ଯେଉଁ ବ୍ୟବସ୍ଥାରେ ପ୍ରତ୍ୟେକ ଦେଶ ସୁନାର ମୂଲ୍ୟ ନିଜ ନିଜ ମୁଦ୍ରା (Currency)ରେ ନିର୍ଦ୍ଧାରଣ କଲେ ଓ ଏଥିରୁ ଜନ୍ମ ନେଲା Exchange Rate ବା Foreign currency Exchange Rate - ମୁଦ୍ରା ବିନିମୟ ମୂଲ୍ୟ । ମନେକରାଯାଉ ଭାରତ ସରକାର ଘୋଷଣା କଲେ ପ୍ରତି ୧୦ ଗ୍ରାମ ସୁନା ର ମୂଲ୍ୟ ୩୦୦ ଟଙ୍କା ; ଯେକେହି ୧୦ ଗ୍ରାମ ସୁନା ଦେଇ ୩୦୦ ଟଙ୍କା ନେଇ ପାରିବେ ଏବଂ ୩୦୦ ଟଙ୍କା ଦେଇ ୧୦ ଗ୍ରାମ ସୁନା ନେଇ ପାରିବେ । ଧରନ୍ତୁ ସେଭଳି ଆମେରିକା ସରକାର ୧୦ ଗ୍ରାମ ସୁନାର ମୂଲ୍ୟ ୧୫୦ ମାର୍କିନ୍ ଡଲାର ବୋଲି ଘୋଷଣା କଲା । ତେଣୁ ମାର୍କିନ ଡଲାର ଓ ଭାରତୀୟ ଟଙ୍କାର ବିନିମୟ ମୂଲ୍ୟ ବା Exchange Rate ଏକ ଡଲାରକୁ ଦୁଇ ଟଙ୍କା ସ୍ଥିର ହୋଇଗଲା । ଏମିତି ଦେଶ ଦେଶ ମଧ୍ୟରେ ପରସ୍ପର ମୁଦ୍ରାର ବିନିମୟ ମୂଲ୍ୟ (Currency Exchange rate) ସ୍ଥିର ହେଲା ଓ ଦେଶ ଦେଶ ଭିତରେ ସହଜରେ ବ୍ୟବସାୟ ବାଣିଜ୍ୟ ଚାଲିଲା । ସୁନା ଦର ଭିତ୍ତିରେ ବିଦେଶୀ ମୁଦ୍ରାର ପରସ୍ପର ର ମୂଲ୍ୟ ନିର୍ଦ୍ଧାରଣ କୁ Gold Standard System କୁହାଯାଏ ।

୧୯୭୧ ମସିହାରେ ଆମେରିକାର ରାଷ୍ଟ୍ରପତି ରିଚାର୍ଡ ନିକ୍ସନ Gold Standard ବ୍ୟବସ୍ଥାକୁ ହଟାଇ ଦେଲେ । ବିନିମୟ ମୂଲ୍ୟ (Exchange rate) ସହିତ ସୁନା ର ପୂର୍ବରୁ ଥିବା ସମ୍ପର୍କକୁ ରଦ୍ଦ କରିଦେଲେ । ବିନିମୟ ମୂଲ୍ୟ (Exchange Rate) ର ମୂଳ ଆଧାର (Base) ସୁନା ବଦଳରେ ମାର୍କିନ ଡଲାର ହେବ ବୋଲି ଘୋଷଣା କଲେ । ଏଇଠୁ ଆରମ୍ଭ ହେଲା ସମଗ୍ର ବିଶ୍ୱର ଅର୍ଥନୀତିରେ ଡଲାରର ବିଧିବଦ୍ଧ ଆଧିପତ୍ୟ । ତେବେ କାହିଁକି ଡଲାର, କାହିଁକି ଅନ୍ୟ ମୁଦ୍ରା (Currency) ନୁହେଁ ? ଏହାର ଉତ୍ତର ଆମେ ପାଇ ପାରିବା ଇତିହାସ ପୃଷ୍ଠାରୁ ।

ଦୁଇଟି ବିଶ୍ୱ ଯୁଦ୍ଧରେ ପ୍ରତ୍ୟକ୍ଷ ଓ ପରୋକ୍ଷ ରେ ସାମିଲ ହୋଇ ପୃଥିବୀର ବହୁ ଦେଶ ଧ୍ୱସ୍ତ ବିଧ୍ୱସ୍ତ ହୋଇଯାଇଥିଲେ । ଏହି ଦେଶ ମାନେ ଦେଶରେ ଗଚ୍ଛିତ ସୁନା ବନ୍ଧା ଦେଇ ଆମେରିକା ଠାରୁ ବିପୁଳ ପରିମାଣର ଅସ୍ତ୍ରଶସ୍ତ୍ର କିଣିଥିଲେ, ଋଣ ବି କରିଥିଲେ । ବହୁ ଦେଶ କରଜରେ ବୁଡି ଯାଇଥିଲେ । ଏହି ପ୍ରକ୍ରିୟାରେ ଦୁନିଆର ପ୍ରାୟ ଶତକଡା ୮୦ ଭାଗ ସୁନା ଆମେରିକାକୁ ଚାଲି ଯାଇଥିଲା । ଫଳରେ ଗଚ୍ଛିତ ସୁନା ମୂଲ୍ୟ ଅନୁଯାୟୀ ନୋଟ୍ (Currency) ଛାପିବା ଓ ବିନିମୟ ମୂଲ୍ୟ (Exchange Rate) ସ୍ଥିର କରି ବିଦେଶୀ ରାଷ୍ଟ୍ର ମାନଙ୍କ ସହିତ ବ୍ୟବସାୟ ବାଣିଜ୍ୟ କରିବା ଏହି ଦେଶ ମାନଙ୍କ ପକ୍ଷରେ ଆଉ ସମ୍ଭବ ହେଲା ନାହିଁ । ୧୯୪୪ ମସିହାରେ ଅନୁଷ୍ଠିତ Britton Woods ସମ୍ମିଳନୀରେ ଯୁଦ୍ଧ କ୍ଷତିଗ୍ରସ୍ତ ଦେଶମାନଙ୍କର ପୁନର୍ଗଠନ ଆଳରେ IBRD (The International Bank for Reconstruction and Development- ପରବର୍ତ୍ତୀ ସମୟରେ ବିଶ୍ୱ ବ୍ୟାଙ୍କ) ଏବଂ ଏହି ସବୁ ଦେଶମାନଙ୍କର ତଥାକଥିତ ଆର୍ଥିକ ସୁଧାର ପାଇଁ ସ୍ୱଳ୍ପ ସୁଧରେ ଋଣ ଯୋଗାଇ ଦେବାର ଘୋଷିତ ଲକ୍ଷ୍ୟରେ IMF ଭଳି ସଂସ୍ଥା ଗଠନ ହେଲା । ଏହି ବ୍ରିଟନ ଉଡ ସମ୍ମିଳନୀରେ ଆହୁରି ନିଷ୍ପତ୍ତି ହେଲା ଯେ ଯଦି ଦେଶ ମାନଙ୍କ ପାଖରେ ସୁନା ନାହିଁ ତାହାହେଲେ ସେମାନେ ଯେକୌଣସି ଦେଶ ସହ ଆମେରିକାର ଡଲାରରେ ବ୍ୟବସାୟ ବାଣିଜ୍ୟ କରିପାରିବେ । ଏହିଭଳି ଭାବରେ ହିଁ ସାରା ବିଶ୍ୱର ପୁଞ୍ଜିବାଦୀ ସାମ୍ରାଜ୍ୟବାଦୀ ରାଷ୍ଟ୍ର ମାନେ ଡଲାରର ପ୍ରଭୁତ୍ୱକୁ ସ୍ୱୀକୃତି ପ୍ରଦାନ କରିବାକୁ ବାଧ ହେଲେ । ମାତ୍ର ଦ୍ୱିତୀୟ ବିଶ୍ୱଯୁଦ୍ଧରେ ମାରାତ୍ମକ ଭାବରେ କ୍ଷତିଗ୍ରସ୍ତ ହୋଇଥିଲେ ମଧ ଏକମାତ୍ର ସମାଜବାଦୀ ସୋଭିଏତ ୟୁନିଅନ ଏହି ବ୍ୟବସ୍ଥାରେ ସାମିଲ ହୋଇନଥିଲା । ଆମେରିକା ପାଖରେ ଯଥେଷ୍ଟ ପରିମାଣରେ ସୁନା ମହଜୁଦ ଥିଲା ଓ ଯୁଦ୍ଧାସ୍ତ୍ର ବି । ଆମେରିକା ଘୋଷଣା କଲା ଯେକୌଣସି ଦେଶ ଡଲାର ବଦଳରେ ସୁନା କିମ୍ବା ସୁନା ବଦଳରେ ଡଲାର ନେଇ ପାରିବେ । କିନ୍ତୁ ଏଭଳି ଘୋଷଣା କରିବାକୁ ଅନ୍ୟ ଦେଶ ମାନଙ୍କ ର ସମ୍ବଳ ନ ଥିଲା । ବିଶ୍ୱଯୁଦ୍ଧର ସୁଯୋଗ ନେଇ ଆମେରିକା ଯୁଦ୍ଧାସ୍ତ୍ର ବିକ୍ରିକରି ଯୁଦ୍ଧରେ ଲିପ୍ତ ସମସ୍ତ ପୁଞ୍ଜିବାଦୀ, ସାମ୍ରାଜ୍ୟବାଦୀ ଦେଶ ମାନଙ୍କୁ ବରବାଦ କରି ଦେଇ ଥିଲା ।

ପୁଞ୍ଜିବାଦୀ ବ୍ୟବସ୍ଥାର ଅବଶ୍ୟମ୍ଭାବୀ ସଂକଟ ଫଳରେ ଷାଠିଏ ଦଶକରେ ଭାରତ ସରକାର ବିଶ୍ୱ ବ୍ୟାଙ୍କ ଓ ଆନ୍ତର୍ଜାତୀୟ ମୁଦ୍ରା ପାଣ୍ଠି (IMF)ରୁ ଋଣ ଆଣିଥିଲା । ଏହା ସଙ୍ଗେ ସଙ୍ଗେ ୧୯୬୬ ମସିହାରେ କଂଗ୍ରେସ ନେତୃତ୍ୱରେ ପରିଚାଳିତ ତତ୍କାଳୀନ ଭାରତ ସରକାର ଭାରତୀୟ ଟଙ୍କାର ଅବମୂଲ୍ୟାୟନ (Rupee Devaluation) କଲେ । ଏହାର ଘୋଷିତ ଲକ୍ଷ୍ୟ ଥିଲା ଭାରତରେ ବିଦେଶୀ ପୁଞ୍ଜି ନିବେଶକୁ ଉତ୍ସାହିତ କରିବା । କହିବା ବାହୁଲ୍ୟ ଏହି ବିଦେଶୀ ପୁଞ୍ଜି ଆକର୍ଷଣ ନାଟକ ଏବେବି ଚାଲିଛି, ଏହା ରାଜ୍ୟ ସ୍ତରକୁ ବ୍ୟାପିଲାଣି । ଅନ୍ୟପଟରେ ଭିଏତନାମ ଓ ଆମେରିକା ମଧ୍ୟରେ ଦୀର୍ଘ ୨୫ ବର୍ଷ ବ୍ୟାପୀ ଯୁଦ୍ଧରେ ଆମେରିକାର ଅର୍ଥନୀତି ବିପର୍ଯ୍ୟସ୍ତ ହୋଇଗଲା । ଏଥିରୁ ମୁକୁଳିବା ପାଇଁ ଆମେରିକା ଗଚ୍ଛିତ ସୁନାର ମୂଲ୍ୟଠାରୁ ଅଧିକରୁ ଅଧିକ ଡଲାର ଛାପିବାକୁ ଲାଗିଲା । ଡଲାର ବିଶ୍ୱ ବଜାରରେ ତାର ପୂର୍ବର ବିଶ୍ୱସନୀୟତା ହରାଇବାକୁ ଲଗିଲା । ଯେଉଁ ଦେଶ ମାନଙ୍କ ପାଖରେ ଡଲାର ଗଚ୍ଛିତ ଥିଲା ସେମାନେ ସୁନା ବଦଳ କରିବାକୁ ଲାଗିଲେ । ଫ୍ରାନ୍ସ ୧୯୬୫ରେ ଡଲାର ଫେରାଇ ବିପୁଳ ପରିମାଣର ସୁନା ନେଇଗଲା । ଫ୍ରାନସ୍କୁ ଦେଖି ଅନ୍ୟ ଦେଶମାନେ ମଧ୍ୟ ସୁନା ବଦଳାଇ ନେଲେ । ଆମେରିକା ପାଖରୁ ସୁନା ସରିବାକୁ ଲଗିଲା । କ୍ରମେ ଡଲାର ବଦଳରେ ସୁନା ଦେବାକୁ ଅକ୍ଷମ ହେଲା ଆମେରିକା । ୧୯୭୧ ମସିହାରେ ତତକାଳୀନ ରାଷ୍ଟ୍ରପତି ରିଚାର୍ଡ ନିକ୍ସନ ଡଲାର ସହ ସୁନାର ଅଦଳ ବଦଳ ନୀତିକୁ ରଦ୍ଦ କରିଦେଲେ ଯାହା Nixon Shock ବା ନିକ୍ସନ ଝଟକା ଭାବେ ପରିଚିତ । ଆମେରିକାର ଏଭଳି ନୀତିରେ ଅସଂଖ୍ୟ ଦେଶ କ୍ଷତିର ସମ୍ମୁଖୀନ ହେଲେ ସତ କିନ୍ତୁ ଆମେରିକା ଲାଭବାନ ହେଲା ଓ ଡଲାରର ପ୍ରଭୁତ୍ୱ କାଏମ ରହିଲା । ଫଳତଃ ଯେଉଁ ମାନଙ୍କ ପାଖରେ ଡଲାର ଥିଲା ସେଥିରେ ବ୍ୟବସାୟ ବାଣିଜ୍ୟ ଚାଲୁ ରଖିଲେ ।

କେବଳ ସେତିକି ନୁହେଁ ଆମେରିକା ବିଭିନ୍ନ ସମୟରେ ସମଗ୍ର ପୃଥିବୀରେ ସନ୍ତ୍ରାସ ଚଳାଇ ଆସିଛି । ଦେଶ ଦେଶ ଭିତରେ ଯୁଦ୍ଧ ଲଗାଇବା, ଦୀର୍ଘ ଦିନ ଯୁଦ୍ଧ ଚଳାଇ ଯୁଦ୍ଧାସ୍ତ୍ର ବିକି ଯୁଦ୍ଧରେ ଲିପ୍ତ ଦେଶ ମାନଙ୍କୁ ତଳିତଳାନ୍ତ କରିବା, ସଂପୃକ୍ତ ଦେଶର ସ୍ୱାର୍ଥ ପ୍ରତିକୂଳ ସର୍ତ୍ତ ରେ ଡଲାରରେ ଜିନିଷ ଆମଦାନୀ ରପ୍ତାନୀ ପାଇଁ ବାଧ୍ୟ କରିବା, ଆମେରିକା ଆଧିପତ୍ୟାଧିନ ଦେଶ ମାନଙ୍କ ସହ ବ୍ୟବସାୟ ବାଣିଜ୍ୟ କରିବାକୁ ବିଭିନ୍ନ ଦେଶକୁ ବାଧ କରିବା, ସୋଭିଏତ୍ ୟୁନିୟନ ନେତୃତ୍ୱରେ ପରିଚାଳିତ ସମାଜବାଦୀ ଶିବିର ସହିତ ସଂପୃକ୍ତ ଦେଶମାନଙ୍କ ସହ ସମ୍ବନ୍ଧ ନ ରଖିବା ଆଦି ସର୍ତ୍ତ ଦ୍ୱାରା ଡଲାରର ଚକ୍ରବ୍ୟୁହରେ ପ୍ରାୟ ସମସ୍ତ ପୃଥିବୀ ଛନ୍ଦି ହୋଇ ରହିଛି । ରୁଷିଆ ସହ କୌଣସି ବୈଦେଶିକ ବାଣିଜ୍ୟ ନ କରିବାକୁ ବିଭିନ୍ନ ଦେଶ ଉପରେ ଚାପ ପକାଇଛି ଆମେରିକା । ଭାରତ ଉପରେ ବି ଚାପ ପକାଉଛି ରୁଷିଆଠାରୁ ତେଲ ନ କିଣିବାକୁ । ରଷିଆ ୟୁକ୍ରେନ ଯୁଦ୍ଧ ବାହାନାରେ ଆମେରିକାର ସେଣ୍ଟ୍ରାଲ ବ୍ୟାଙ୍କ (Federal Reserves)ରେ ରୁଷିଆର ହଜାର ହଜାର କୋଟି Dollar-Treasury ବଣ୍ଡକୁ ଆମେରିକା ଅଚଳ କରିଦେଇଛି । ଅର୍ଥାତ୍ ଏହାର ଆଧିପତ୍ୟ ସ୍ୱୀକାର ନକଲେ ଯେକୌଣସି ଦେଶକୁ ଆର୍ଥିକ ଭାବରେ ପଙ୍ଗୁ କରି ଦେବାକୁ ଉଦ୍ୟମ କରୁଛି ଆମେରିକା । ୨୦୨୨ରେ ବିଶ୍ୱ ବାଣିଜ୍ୟର ଶତକଡା ୫୪ ଭାଗ ମାର୍କିନ ଡଲାରରେ ହୋଇଥିଲା । କିନ୍ତୁ ଆମେରିକା ସମଗ୍ର ବିଶ୍ୱରେ ହୋଇଥିବା ବାଣିଜ୍ୟ କାରବାରର ମାତ୍ର ଶତକଡା ୮ ଭାଗ ରପ୍ତାନୀ ଓ ଶତକଡ଼ା ୧୩ ଭାଗ ଆମଦାନୀ କରିଥିଲା । ଗ୍ଲୋବାଲ ପେମେଣ୍ଟ ଯଥା କ୍ରେଡିଟ୍ କାର୍ଡ, ବିଭିନ୍ନ ଦେଶ ଭିତରେ ଅଣବାଣିଜ୍ୟ ଅର୍ଥ ସରବରାହ (Money Transfer) ଇତ୍ୟାଦିର ଶତକଡ଼ା ୪୯ ଭାଗ ମାର୍କିନ ଡଲାର ଜରିଆରେ ହେଉଛି । ସମଗ୍ର ବିଶ୍ୱ ଜିଡିପି (GDP)ର ଶତକଡା ୨୬ ଭାଗ ହେଉଚି ଆମେରିକାର GDP । ଏଥିରୁ ସହଜରେ ବୁଝି ହୁଏ କେମିତି ଧମକ, କଟକଣା, ଯୁଦ୍ଧଭୟ ମାଧ୍ୟମରେ ଅର୍ଦ୍ଧାଧିକ ବିଶ୍ୱ ଅର୍ଥନୀତିକୁ କବଜା କରିସାରିଛି ଆମେରିକା ।

ଦ୍ୱିତୀୟ ଥର ପାଇଁ ନିର୍ବାଚିତ ହେବାପରେ ରାଷ୍ଟ୍ରପତି ଟ୍ରମ୍ପ ବ୍ରାଜିଲ, ରଷିଆ, ଭାରତ, ଚୀନ, ଦକ୍ଷିଣ ଆଫ୍ରିକା, ଇଜିପ୍ଟ, ଇଥିଓପିଆ, ଇଣ୍ଡୋନେସିଆ, ଇରାନ ଓ ୟୁନାଇଟେଡ ଆରବ ଏମିରେଟ୍ସକୁ ନେଇ ଗଠିତ ବ୍ରିକ୍ସ (BRICKS) ଦେଶ ମାନଙ୍କୁ ଖୋଲା ଧମକ ଦେଇଛନ୍ତି ଯଦି ସେମାନେ ଡଲାରର ବିକଳ୍ପ ଭାବେ ଅନ୍ୟ କୌଣସି ମୁଦ୍ରା (Currency) ଚାଲୁ କରନ୍ତି (Euro ଭଳି), ଡଲାର ଉପରେ ଯଦି କିଛି ଆଂଚ୍ ଆସେ ତାହାହେଲେ ଭୟଙ୍କର ପରିଣତି ଭୋଗିବାକୁ ପଡିବ । ସୂଚନାଯୋଗ୍ୟ ରୁଷିଆ, ଭାରତ, ଚୀନ୍ ଆଦି BRICKS ଗୋଷ୍ଠୀର ରାଷ୍ଟ୍ର ମାନେ ଏବେ କହିଲେଣି ସେମିତି କିଛି ଯୋଜନା ନାହିଁ ଯଦିଓ ଏହି ରାଷ୍ଟ୍ର ମାନେ ୨୦୨୩ ମସିହାରେ ଦକ୍ଷିଣଆଫ୍ରିକା ସମ୍ମିଳନୀରେ ଡଲାରର ବିକଳ୍ପ ଭାବେ ବ୍ରିକ୍ସ ମୁଦ୍ରା (BRICKS Currency) ପ୍ରଚଳନ କରିବାକୁ ନିଷ୍ପତ୍ତି ନେଇଥିଲେ ।

ମୁଦ୍ରା ବିନିମୟ (Currency Exchange ) କ୍ଷେତ୍ରରୁ ସୁନା ହଟିଯିବା ପରେ ବସ୍ତୁତଃ ମାର୍କିନ ଡଲାରମୂଲ୍ୟ ଆଧାରରେ ବିଭିନ୍ନ ଦେଶର ମୁଦ୍ରା ବିନିମୟ ମୂଲ୍ୟ ନିର୍ଦ୍ଧାରଣ ହେଉଛି । ଡଲାର ହେଉ କି ୟୁରୋ ହେଉ, ସେ ସବୁର ମୂଲ୍ୟ ଆଜି ବଜାର ଅର୍ଥନୀତି ଚାହିଦା ଓ ଯୋଗାଣ (Demand and Supply) ଦ୍ୱାରା ସ୍ଥିର ହେଉଛି । ବିଭିନ୍ନ ଦେଶରେ ଏ ବାବଦରେ ପ୍ରଚଳିତ ପଦ୍ଧତି କୁ ଲକ୍ଷ୍ୟ କଲେ ତିନି ପ୍ରକାର ବିନିମୟ ହାର(Exchange Rate) ଦେଖିବାକୁ ମିଳେ । ଯଥା :

ସ୍ଥିର ବିନିମୟ ହାର (Fixed Exchange Rate)– ଏହି ପଦ୍ଧତିରେ ପ୍ରତ୍ୟେକ ବିଦେଶୀ ମୁଦ୍ରା ସହ ଭାରତୀୟ ଟଙ୍କାର ବିନିମୟ ମୂଲ୍ୟ ସରକାର ସ୍ଥିର କରନ୍ତି । ସରକାର ମଝିରେ ମଝିରେ ଏହାକୁ ସଂଶୋଧନ କରନ୍ତି ।

ସ୍ୱତଃ ପରିବର୍ତ୍ତନଶୀଳ ବିନିମୟ ହାର (Floating Exchange Rate)- ଏହି ପଦ୍ଧତିରେ ସରକାର କୌଣସି ହସ୍ତକ୍ଷେପ କରନ୍ତି ନାହିଁ, ବଜାର ଅର୍ଥନୀତିର ଚାହିଦା ଓ ଯୋଗାଣ (Demand & Supply) ର ଶକ୍ତି ଉପରେ ଛାଡ଼ି ଦିଅନ୍ତି ।

ସରକାରୀ ହସ୍ତକ୍ଷେପ ଭିତ୍ତିକ ବିନିମୟ ହାର (Managed Exchange Rate)- ଏହି ପଦ୍ଧତିରେ ଚାହିଦା ଓ ଯୋଗାଣ(Demand and Supply) ଦ୍ୱାରା ବିନିମୟ ହାର ନିର୍ଦ୍ଧାରିତ ହୁଏ ସତ କିନ୍ତୁ ଯେତେବେଳେ ଭାରତୀୟ ଟଙ୍କାର ମୂଲ୍ୟ ଅତି ମାତ୍ରାରେ କମିଯାଏ ସେତେବେଳେ ସରକାର ଏଥିରେ ସୁଧାର ଆଣିବା ପାଇଁ ପରୋକ୍ଷରେ ପ୍ରୟାସ କରିଥାନ୍ତି, ଯେମିତି ଆଜି ଭାରତୀୟ ରିଜର୍ଭ ବ୍ୟାଙ୍କ ଜରିଆରେ ଭାରତ ସରକାର କରୁଛନ୍ତି । ଡଲାର ବିକ୍ରି କରି ବଜାରରେ ଏହାର ଚାହିଦା (Demand) ହ୍ରାସ କରିବାକୁ ଚେଷ୍ଟା କରୁଛନ୍ତି ।

୧୯୯୨ ମସିହାରୁ ଭାରତ ଏହି ତୃତୀୟ ପଦ୍ଧତି ଅନୁସରଣ କରୁଛି, ତା ପୂର୍ବରୁ ଦେଶରେ Fixed Exchange Rate ପଦ୍ଧତି ଅନୁସୃତ ହେଉଥିଲା ।

ବର୍ତ୍ତମାନ ଆସନ୍ତୁ ଭାରତର ବାସ୍ତବ ଆର୍ଥିକ ସ୍ଥିତି ଉପରେ ନଜର ପକେଇବା । ଭାରତର ଜନସଂଖ୍ୟା ପୃଥିବୀର ଜନସଂଖ୍ୟାର ଶତକଡା ୧୭.୯୬ ଭାଗ । ମାତ୍ର ପରିସଂଖ୍ୟାନରେ କେନ୍ଦ୍ର ବିଜେପି ସରକାରର ସମସ୍ତ ପ୍ରକାର ହେରାଫେରି ସତ୍ତ୍ୱେ ଭାରତର ଜିଡିପି ପୃଥିବୀର ମୋଟ ଜିଡିପିର ମାତ୍ର ୭.୫ ଭାଗ ।

୨୦୨୪ ମସିହା ନଭେମ୍ବର ୨୪ ତାରିଖ ସୁଦ୍ଧା ଭାରତର ମୋଟ ରପ୍ତାନୀ ୩୨.୧ ବିଲିୟନ ମାର୍କିନ ଡଲାର ହୋଇଥିଲା ବେଳେ ଆମଦାନୀ ୬୯.୯୫ ବିଲିଅନ ମାର୍କିନ ଡ଼ଲାର । ଏହାର ଅର୍ଥ ହେଉଛି ଭାରତ ବାଣିଜ୍ୟିକ ନିଅଣ୍ଟ (Trade Deficit) ୩୭.୮ ବିଲିୟନ ଡଲାର, ଯାହାକି ରେକର୍ଡ ପରିମାଣର ନିଅଣ୍ଟ । ଭାରତ ସରକାରଙ୍କ ଆୟ ତୁଳନାରେ ଖର୍ଚ୍ଚ (Fiscal deficit) ୨୦୨୪ ମାର୍ଚ୍ଚ ମାସ ସୁଦ୍ଧା ୧୬.୫୪ ଲକ୍ଷ କୋଟି ଟଙ୍କା ।

ଭାରତର ଘରୋଇ ଓ ବିଦେଶୀ ଋଣ ମିଶି ୨୦୧୪ରେ ୫୯ ଲକ୍ଷ କୋଟି ଟଙ୍କାରୁ ୨୦୨୩ ମାର୍ଚ୍ଚ ମାସ ସୁଦ୍ଧା ବୃଦ୍ଧି ପାଇ ୧୫୫.୬ ଲକ୍ଷ କୋଟି ଟଙ୍କାରେ ପହଂଚିଛି । ଅର୍ଥାତ୍ ଋଣ ବୃଦ୍ଧି ପାଇଛି ଶତକଡା ୧୭୪ ଭାଗ । ଏହି ଋଣ ହେଉଚି ଦେଶର ମୋଟ୍ ଜିଡିପିର ଶତକଡା ୫୭ ଭାଗ ।

ଉପରୋକ୍ତ ତଥ୍ୟ ଏହା ସ୍ପଷ୍ଟ କରୁଛି ଯେ ଭାରତ ଯେତିକି ରପ୍ତାନୀ କରୁଛି ତା'ଠାରୁ ଯଥେଷ୍ଟ ଅଧିକ ଆମଦାନୀ କରୁଛି । ଦେଶର ରପ୍ତାନୀ ହାର ଶତକଡ଼ା ୪ ହାରରେ କମୁଥିବା ବେଳେ ଆମଦାନୀ ହାର ଶତକଡ଼ା ୨୭ ହାରରେ ବଢୁଛି । ଅନ୍ୟପଟରେ ଭାରତ ସରକାର ଯେତିକି ଆୟ କରୁଛନ୍ତି ତା'ଠୁ ଅଧିକ ଖର୍ଚ୍ଚ କରୁଛନ୍ତି । ତୃତୀୟରେ Trade Deficit ଓ Fisacl Deficit ଭରଣା କରିବାକୁ ଭାରତ ସରକାର ଦେଶ ଭିତରୁ ଓ ବିଦେଶରୁ ଋଣ ଆଣୁଛନ୍ତି । ଋଣ ଶୁଝିବା ପାଇଁ, ସୁଧ ପୈଠ ପାଇଁ, ପୁଣି ଋଣ କରୁଛନ୍ତି ; ଋଣର ସିଂହ ଭାଗ ଋଣ ଶୁଝିବାରେ ଯାଉଛି । କେବଳ

*(ଅବଶିଷ୍ଟାଂଶ ୭ମ ପୃଷ୍ଠାରେ)*

## ଟଙ୍କାର ଅବମୂଲ୍ୟାୟନ . . .

(୬ଷ୍ଠ ପୃଷ୍ଠାର ଅବଶିଷ୍ଟାଂଶ)

ସୁଧ ବାବଦକୁ ୧୦.୮ ଲକ୍ଷ କୋଟି ଟଙ୍କା ସରକାରଙ୍କୁ ଦେବାକୁ ହେଉଛି ଯାହାକି ସରକାରଙ୍କ ମୋଟ ବ୍ୟୟର ଶତକଡା ୨୪ ଭାଗ। ଏଥିରୁ ସ୍ପଷ୍ଟ ଯେ ଭାରତ ସରକାର ଦେଶର ଜନସାଧାରଣଙ୍କୁ ଋଣ ଯନ୍ତାରେ ପକାଇଛନ୍ତି। ଏହିଭଳି ଭାବରେ ସାମ୍ରାଜ୍ୟବାଦୀ ଶକ୍ତି ମାନେ ଦୁର୍ବଳ ଦେଶ ମାନଙ୍କର ଆର୍ଥିକ ମେରୁଦଣ୍ଡ ଭାଙ୍ଗି ଦେଇଛନ୍ତି, ବିଶ୍ୱର ଶ୍ରମିକ ମେହନତି ମଣିଷକୁ ଶୋଷଣ କରି ଧନର ପାହାଡ଼ ସୃଷ୍ଟି କରିଛନ୍ତି। ଏହି କାର୍ଯ୍ୟକୁ ତ୍ୱରାନ୍ୱିତ କରିଛି ଡଲାର। ଏବେ ଡଲାର ଏକ ବିଶ୍ୱସ୍ତରୀୟ ମୁଦ୍ରା (Global Currency) ଭାବେ ଉଭା ହୋଇଛି ଯାହାକୁ ପାଇବାକୁ ସବୁ ଦେଶ ଚାହାଁନ୍ତି – ଡଲାର ନିର୍ଭରଶୀଳତା ବୃଦ୍ଧି ପାଉଥିବାରୁ ଏହାର ଚାହିଦା ବଢୁଛି, ଦେଶର ମୁଦ୍ରା ବା Currency ଶସ୍ତା ହେଉଛି, ନ ହେଲେ ନିଜ ଦେଶର ସରକାର ନିଜେ ନିଜର ମୁଦ୍ରାକୁ ଶସ୍ତା କରୁଛନ୍ତି – ସମସ୍ତେ ଡ଼ଲାର ପାଇଁ ଭୋକିଲା। ଆସନ୍ତୁ ବର୍ତ୍ତମାନ ଭାରତର ଡଲାର ନିର୍ଭରଶୀଳତାକୁ ଅନୁଧ୍ୟାନ କରିବା।

୨୦୨୪ ସେପ୍ଟେମ୍ବର ମାସ ସୁଦ୍ଧା ଭାରତର ସମୁଦାୟ ବିଦେଶୀ ମୁଦ୍ରା ଭଣ୍ଡାର ପରିମାଣ ୭୦୪.୮୯ ବିଲିୟନ ମାର୍କିନ ଡଲାର ଥିଲା। ସେଥିରୁ କେବଳ ବୈଦେଶିକ ମୁଦ୍ରା (Foreign Currency) ୬୧୬ ବିଲିଅନ ଡଲାର ଯାହାମୋଟ ପରିମାଣର ଶତକଡା ୮୭.୩୯ ଭାଗ। ବୈଦେଶିକ ମୁଦ୍ରା (Foreign Currency)ର ଶତକଡ଼ା ୬୦ ଭାଗରୁ ଅଧିକ କେବଳ ମାର୍କିନ ଡଲାରରେ ଥିଲା। ବିଭିନ୍ନ ଆନ୍ତର୍ଜାତିକ କାରଣ ପାଇଁ ଗତ ବେଶ କିଛି ସମୟ ଧରି, ବିଶେଷ କରି ଟ୍ରମ୍ପ ଆମେରିକାର ରାଷ୍ଟ୍ରପତି ନିର୍ବାଚିତ ହେବା ପରେ ବିଦେଶୀ ନିବେଶକ ଦ୍ରୁତ ଭାରତରୁ ପୁଞ୍ଜି ପ୍ରତ୍ୟାହାର କରି ନେଉଛନ୍ତି। ଖବର କାଗଜ ମାନଙ୍କରେ ପ୍ରକାଶିତ ସମ୍ବାଦ ଅନୁଯାୟୀ ୨୦୨୫ ଜାନୁଆରୀ ମାସରେ ହିଁ ବିଦେଶୀ ନିବେଶକମାନେ ୨୨,୧୯୪ କୋଟି ଡଲାର ଭାରତୀୟ ବଜାରରୁ ପ୍ରତ୍ୟାହାର କରିଛନ୍ତି। ଫଳରେ ପୁଞ୍ଜି ବଜାରରେ ଅର୍ଥାତ ଫଟକା ବଜାରରେ ହାହାକାର ଲାଗିଛି। ଲକ୍ଷ ଲକ୍ଷ କୋଟି ଟଙ୍କା ହରାଉଛନ୍ତି ନିବେଶକ।

ଭାରତୀୟ ରିଜର୍ଭ ବ୍ୟାଙ୍କ ମଧ୍ୟ ୨୬୬ ବିଲିୟନ ଗଚ୍ଛିତ ଡ଼ଲାର (forex reserves) ବିକ୍ରି କରିଛି। ଟଙ୍କାର ମୂଲ୍ୟରେ ସ୍ଥିରତା ଆଣିବା ପାଇଁ ଏହା କରାଯାଇଅଛି। ଆଶଙ୍କା ବି ଅଛି ଆଗାମୀ ଦିନରେ ଆମେରିକାର ନୀତିରେ ପ୍ରଭାବିତ ହୋଇ ଆହୁରି ବଡ଼ ପରିମାଣର ପୁଞ୍ଜି ପ୍ରତ୍ୟାହାର କରି ପାରନ୍ତି ନିବେଶକ। ଏଭଳି ସ୍ଥିତିକୁ ସମ୍ଭାଳିବା ପାଇଁ ଡଲାର ବା ବିଦେଶୀ ମୁଦ୍ରା ଯୋଗାଡ କରୁଛନ୍ତି ଭାରତ ସରକାର। ନିକଟରେ ଏହି ଉଦ୍ଦେଶ୍ୟରେ ଭୁବନେଶ୍ୱରରେ ପ୍ରବାସୀ ଭାରତୀୟ ଦିବସ ପାଳିତ ହୋଇଯାଇଛି। ଏହା ପରେ ପରେ ଓଡିଶାରେ ମହା ଆଡମ୍ବରରେ ଉତ୍କର୍ଷ ଓଡିଶା ସମାବେଶ। କହିବା ବାହୁଲ୍ୟ ଏହା ପୂର୍ବତନ ବିଜେଡି ସରକାରର ମେକ୍ ଇନ୍ ଓଡିଶା କନ୍‌କ୍ଲେଭର ନାମାନ୍ତର ମାତ୍ର।

୧୯୯୧-୯୨ ମସିହାରେ ତତ୍କାଳୀନ କେନ୍ଦ୍ର କଂଗ୍ରେସ ସରକାରର ଅର୍ଥ ମନ୍ତ୍ରୀ ମନମୋହନ ସିଂହ ଦୁଇ ଦଫାରେ ଟଙ୍କାର ବଡ଼ ଧରଣର ଅବମୂଲ୍ୟାୟନ କରିଥିଲେ। ସେତେବେଳେ ପ୍ରତି ମାର୍କିନ ଡଲାର ୭.୮୬ ଟଙ୍କା ଥିଲାବେଳେ ସେ ଏହାକୁ ହ୍ରାସ କରି ୨୫.୯୨ ଟଙ୍କା କରିଥିଲେ। ଦେଶରେ ଅବାଧ ପୁଞ୍ଜିନିବେଶକୁ ଉତ୍ସାହିତ କରିବାର ଘୋଷିତ ଲକ୍ଷ୍ୟରେ ପୂର୍ବରୁ ଏ କ୍ଷେତ୍ରରେ ଥିବା ବହୁ କଟକଣା ଉଠାଇ ଦିଆଗଲା ବା କୋହଳ କରିଦିଆ ଗଲା। ଭାରତର ଜନସାଧାରଣଙ୍କ ସମ୍ପଦକୁ ଶାଗ ମାଛ ଦରରେ ବହୁଜାତୀୟ କମ୍ପାନୀ ମାନଙ୍କୁ ଟେକିଦେବା ପ୍ରକ୍ରିୟା ଆରମ୍ଭ ହେଇଥିଲା। ବିଦେଶୀ ମୁଦ୍ରା ଭଣ୍ଡାରର କଳେବର ବୃଦ୍ଧି ପାଇଁ ଭାରତର ଶ୍ରମିକ, କର୍ମଚାରୀ, ମଜଦୁର ଙ୍କର ସ୍ୱାର୍ଥକୁ କବର ଦେଇ ପୁଞ୍ଜିପତି ମାନଙ୍କୁ ସର୍ବୋଚ୍ଚ ଲାଭ ଦେବାର ବ୍ୟବସ୍ଥା କରାଯାଇଥିଲା। ଏଠାରେ ଅମେ ସ୍ପଷ୍ଟ କରିଦେବାକୁ ଚାହୁଁ ଯେ କୌଣସି ଦେଶର ମୁଦ୍ରାର ଅବମୂଲ୍ୟାୟନର ଅର୍ଥ ହେଉଛି ବିଦେଶୀ ଏକଚାଟିଆ ପୁଞ୍ଜିପତି ମାନେ ପୂର୍ବ ଅପେକ୍ଷା କମ୍ ଡଲାର ଖର୍ଚ୍ଚ କରି ସଂପୃକ୍ତ ଦେଶର ସମ୍ପଦ କିଣିପାରିବେ ବା ସେତିକି ଡଲାର ଖର୍ଚ୍ଚ କରି ଅଧିକ ସମ୍ପଦ ହସ୍ତଗତ କରିପାରିବେ। ଏହାର ପରିଣତି ହେଉଛି ଦାରିଦ୍ର୍ୟର ଭୟଙ୍କର ରୂପ, ମୁଦ୍ରାସ୍ଫୀତି, ହାଡ଼ ଭଙ୍ଗା ଦର ବୃଦ୍ଧି ଉତ୍କଟ ବେକାରୀ ସମସ୍ୟା। ମନମୋହନ ସିଂହ ହିଁ Fixed Floating Rate ବ୍ୟବସ୍ଥାକୁ ବାତିଲ କରି Managed Floating Rate ବ୍ୟବସ୍ଥା ଲାଗୁ କଲେ। ଏହାର କୁପରିଣାମ ଦେଶର ସଧାରଣ ଲୋକଙ୍କୁ ଆଜି ଭୋଗିବାକୁ ପଡୁଛି।

ତେବେ ମାର୍କିନ ଡଲାର ତୁଳନାରେ ଭାରତୀୟ ଟଙ୍କାର ଏହି ଅବମୂଲ୍ୟାୟନ ଏହି ଯାଗାରେ ଅଟକିବ ନାହିଁ। ଆଗାମୀ କିଛି ମାସ ମଧ୍ୟରେ ଏହା ଆହୁରି ନିମ୍ନଗାମୀ ହୋଇ ଗୋଟିଏ ମାର୍କିନ ଡଲାର ୧୦୦ ଟଙ୍କା ଛୁଇଁ ପାରେ ବୋଲି ଅର୍ଥନୀତିବିଦ୍ ମାନେ ଆଶଙ୍କା ପ୍ରକାଶ କରୁଛନ୍ତି। ତେବେ ଏ ସଂପର୍କରେ ସରକାର ନିରବ। ଯେଉଁ ଗଣମାଧ୍ୟମ ଓ ସ୍ତମ୍ଭକାର ମାନେ ଉପା ଶାସନ ସମୟରେ ଟଙ୍କାର ଅବମୂଲ୍ୟାୟନ ଯୋଗୁ ଦେଶର ଆନ୍ତର୍ଜାତିକ ପ୍ରତିଷ୍ଠା କ୍ଷୁର୍ଣ୍ଣ ହେଉଛି, ଏହାଫଳରେ ଦେଶ ଦେବାଳିଆ ହୋଇଯିବ ଏବଂ ଦେଶର ସାଧାରଣ ଲୋକଙ୍କର ଅବସ୍ଥା ସଂକଟଗ୍ରସ୍ତ ହେବ ବୋଲି ହୁରି ପକାଉଥିଲେ ସେମାନେ ଠିକ୍ ଓଲଟା ସ୍ୱରରେ ଗୀତ ଗାଇବା ଆରମ୍ଭ କରିଛନ୍ତି। ବର୍ତ୍ତମାନ ଏହି ଗଣମାଧ୍ୟମ, ବୁଦ୍ଧିଜୀବୀ ମାନଙ୍କର ଏକ ବଡ ଅଂଶ ଏବଂ ମୁଣ୍ଡବିକା ସ୍ତମ୍ଭକାର ମାନେ ଭାରତୀୟ ମୁଦ୍ରାର ଅବମୂଲ୍ୟାୟନ ଦେଶର ଅର୍ଥନୈତିକ ସ୍ୱାସ୍ଥ୍ୟ ପାଇଁ ଲାଭଦାୟକ ବୋଲି ପ୍ରମାଣ କରିବା ପାଇଁ ସେମାନଙ୍କର ସମସ୍ତ ଖଳବୁଦ୍ଧିକୁ କାମରେ ଲଗାଉଛନ୍ତି। ସାଧାରଣ ଲୋକଙ୍କ ଟିକସ ଟଙ୍କାକୁ ଲକ୍ଷ ଲକ୍ଷ କୋଟି ଟଙ୍କାର ବିଜ୍ଞାପନ ଦେଇ ସରକାର ମୁଖ୍ୟଧାରାର ଗଣମାଧ୍ୟମର ମୁହଁ ବନ୍ଦ କରି ଦେଇଛନ୍ତି।

ତେବେ ସରକାର ଯେତେ ଉଦ୍ୟମ କଲେ ମଧ୍ୟ ଦେଶର ସାଧାରଣ ଲୋକଙ୍କର ଜୀବନ ଜୀବିକାର ସଂକଟହିଁ ସେମାନଙ୍କୁ ବୁଝାଇ ଦେଉଛି ଯେ ଟଙ୍କାର ଅବମୂଲ୍ୟାୟନ ଘଟିବାର ଅର୍ଥ ହେଉଛି ସେମାନଙ୍କ ଜୀବନ ଜୀବିକାର ସଂକଟ ଆହୁରି ଘନୀଭୂତ ହେବ। କହିବା ବାହୁଲ୍ୟ ଆଜି ଦିନରେ ସଂକଟଗ୍ରସ୍ତ, ମରଣମୁଖୀ ପୁଞ୍ଜିବାଦ ସାରା ବିଶ୍ୱର ଜନସାଧାରଣଙ୍କୁ ଶୋଷଣ ଲୁଣ୍ଠନ, ବେକାରୀ ବ୍ୟତୀତ ଆଉ କିଛି ଦେଇ ପାରିବ ନାହିଁ। କାମର ସନ୍ଧାନରେ ପଳାୟନ ରୋକି ପାରିବ ନାହିଁ। କେବଳ ଭାରତ ନୁହେଁ, ଆମେରିକା ସମେତ ବିଶ୍ୱର ତଥାକଥିତ ଉନ୍ନତ ଦେଶର ସାଧାରଣ ଲୋକଙ୍କ ଅବସ୍ଥା ପ୍ରକାରେ ଭିନ୍ନ ନୁହେଁ।

★ ★ ★

## କେନ୍ଦ୍ର ସରକାରଙ୍କୁ . . .

(୩ୟ ପୃଷ୍ଠାର ଅବଶିଷ୍ଟାଂଶ)

କେଏନ୍ସ(Keynes) ଏହି ପ୍ରେସକ୍ରିପସନ ଦେଇଥିଲେ। ଏହା ସାମୟିକ ଭାବେ କିଛି ପରିମାଣର ସଙ୍କଟ ଲାଘବ କରାଇଥିଲା। କିନ୍ତୁ ପୁଞ୍ଜିବାଦୀ ଅର୍ଥନୀତି କ୍ରମାଗତ ସର୍ବୋଚ୍ଚ ମୁନାଫା ବଢାଇବା ପାଇଁ ଶୋଷଣର ମାତ୍ରାକୁ ବଢାଇ ଚାଲେ। ଶ୍ରମିକ-କୃଷକ ମାନଙ୍କ ସହ ସାଧାରଣ ମଣିଷ କ୍ରମାଗତ ନିଃସ୍ୱ ହୁଅନ୍ତି। ଫଳତଃ ଅର୍ଥଶାସ୍ତ୍ରୀ କେଏନ୍ସ ପ୍ରଦତ୍ତ ସମାଧାନର ରାସ୍ତା ସମସ୍ୟାକୁ କିଛି ସମୟ ପାଇଁ ଟାଳି ପାରିଲେ ମଧ୍ୟ ରୋଗକୁ ସମୂଳେ ଆରୋଗ୍ୟ କରିପାରିବ ନାହିଁ। ଅର୍ଥନୀତି ବାରମ୍ବାର ସଙ୍କଟର ସମ୍ମୁଖୀନ ହୁଏ। ପୁଞ୍ଜିବାଦୀ ଅର୍ଥନୀତିର ଏହିଭଳି ସଂକଟକୁ ମହାନ ମାର୍କ୍ସବାଦୀ ଦାର୍ଶନିକ କମ୍ରେଡ୍ ଶିବଦାସ ଘୋଷ "ଏ ଓଳି ସେ ଓଳି ସଙ୍କଟ" ବୋଲି କହିଛନ୍ତି। ଆଜି ତାହାହିଁ ଦେଖା ଦେଇଛି। ଅବସ୍ଥା ଏତେ ଦୂର ସଂକଟଗ୍ରସ୍ତ ହୋଇଛି ଯେ, ଶ୍ରମିକ-କୃଷକ ନେତାମାନେ ପ୍ରତିଦିନ ଯେଉଁ ସବୁ ଦାବି କରନ୍ତି ତାହା ବର୍ତ୍ତମାନ ବଣିକ ସଭା ର ନେତା ମାନଙ୍କ ମୁହଁରୁ ଶୁଣା ଯାଉଛି। ତୀବ୍ର ବଜାର ସଙ୍କଟ ପରିପ୍ରେକ୍ଷୀରେ ବିଭିନ୍ନ ପୁଞ୍ଜିବାଦୀ ଦେଶ ମାନଙ୍କରେ ଆସିଛି ନଗଦ ଅର୍ଥ ବଣ୍ଟନ ବ୍ୟବସ୍ଥା। ଆମ ରାଜ୍ୟରେ ଯେମିତି ଆଗରୁ କାଳିଆ ଯୋଜନା, ମିଶନ ଶକ୍ତି ଯୋଜନା ଏବଂ ବର୍ତ୍ତମାନ ସରକାରଙ୍କ ସୁଭଦ୍ରା ଯୋଜନା ଇତ୍ୟାଦି। ସରକାରରେ ଥିବା ସମସ୍ତ ଜାତୀୟ ଏବଂ ଆଂଚଳିକ ଦଳ ଏଭଳି କିଛି ନା କିଛି ଯୋଜନା ଘୋଷଣା କରି ଚାଲିଛନ୍ତି। ଏ ସମସ୍ତ ଦଳର ନିର୍ବାଚନୀ ପ୍ରତିଶୃତି ହେଉଛି ସମାଜର ବିଭିନ୍ନ ବର୍ଗର ଲୋକଙ୍କୁ ମାସରେ ହଜାରେ ଦୁଇ ହଜାର ଟଙ୍କା ପ୍ରଦାନ। ସ୍ଥାୟୀ ଚାକିରୀ କଥା କେହି କହୁନାହାନ୍ତି। ଏ ସବୁର ଉଦ୍ଦେଶ୍ୟ ମାନ୍ଦା ଅବସ୍ଥାରେ ଆକ୍ରାନ୍ତ ପୁଞ୍ଜିବାଦୀ ବଜାରକୁ କିଛି ସମୟ ପାଇଁ ଟାଙ୍ଗା କରେଇବା। ସରକାର ପୁଞ୍ଜିପତିମାନଙ୍କ ଏହି ଜରୁରୀ ପ୍ରୟୋଜନକୁ ଜନସ୍ୱାର୍ଥ ନାମକ ଆବରଣ ଦେଇ ଲୁଚାଇ ରଖିଛନ୍ତି। ପୁଞ୍ଜିବାଦୀ ଅର୍ଥନୀତିର ସଙ୍କଟର ଏହି ଚରିତ୍ରକୁ ଯଥାଯଥ ଭାବେ ଉପଲବ୍ଧି କରି ନପାରି କେହି କେହି କୁହନ୍ତି, ଭିକ୍ଷା ନ ଦେଇ ସମସ୍ତଙ୍କୁ କାର୍ଯ୍ୟ ଯୋଗାଇ ଦିଅ। ସରକାର ଯଦି ସମସ୍ତଙ୍କୁ କାମ ଯୋଗାଇ ଦେଇ ପାରନ୍ତେ, ତା'ହେଲେ ଏହି ଧରଣର ଖଇରାତି ଯୋଜନା ଆଣୁନଥାନ୍ତେ ଏବଂ ପୁଞ୍ଜିପତି ମାନଙ୍କ ସଙ୍ଗଠନକୁ ଜନସାଧାରଣଙ୍କ ପାଇଁ ଏହିଭଳି ଓକିଲାତି କରିବାକୁ ପଡନ୍ତା ନହିଁ। ପୁଣି ପୁଞ୍ଜିବାଦୀ ବ୍ୟବସ୍ଥାର ନିୟମ ହେଉଛି ଏକ ରିଜର୍ଭ ବେକାର ବାହିନୀ ସୃଷ୍ଟି କରିବା, ଫଳରେ ସେମାନେ ଶସ୍ତାରେ ଶ୍ରମିକ ପାଇପାରିବେ। ସେ ଯାହା ହେଉ ଏହି ଭାବରେ ପୁଞ୍ଜିବାଦୀ ଅର୍ଥନୀତିର ସଂକଟକୁ ଅଟକାଇ ଯାଇ ପାରିବ ନହିଁ। ଜନସାଧାରଣଙ୍କ ହାତରେ ନଗଦ ଟଙ୍କା ଦେବା ପାଇଁ ସରକାରଙ୍କ ପାଖରେ ବଣିକ ସଭାର ଆକୁଳ ନିବେଦନ ସେ କଥାକୁ ପ୍ରମାଣ କରୁଛି।

ବାସ୍ତବରେ ପଂଚମ ବୃହତ ଅର୍ଥନୀତି ହେଉ, ବା ତୃତୀୟ ବୃହତ ଅର୍ଥନୀତି କିମ୍ବା ପାଂଚ ଲକ୍ଷ କୋଟି ଡଲାରର ଅର୍ଥନୀତି ହେଉ, ସେଥିରେ ଦେଶର ସଂଖ୍ୟାଗରିଷ୍ଠ ମଣିଷଙ୍କର କିଛି ଯାଏ ଆସେ ନାହିଁ। ଏହି ଧରଣର ବିକାଶ ଫଳରେ କେବଳ ଧନକୁବେର ମାନଙ୍କ ଧନ ବଢି ଚାଲେ। ସାଧାରଣ ମଣିଷ ଆହୁରି ନିଃସ୍ୱ ହୁଏ। ସେଥିପାଇଁ ଦେଶର ଏକ ଶତାଂଶ ଧନୀମାନଙ୍କ ହାତରେ ଜମା ରହିଛି ଦେଶର ୬୦ ଭାଗ ସମ୍ପତି ଆଉ ସମାଜର ତଳସ୍ତରରେ ୫୦ ଶତାଂଶ ମଣିଷଙ୍କ ହାତରେ ରହିଛି ମାତ୍ର ୧ ଶତାଂଶ ସମ୍ପଦ । ସେଥିପାଇଁ ଖଇରାତି ଦେଇ ମଣିଷର ଜୀବନର ସମସ୍ୟା ସମାଧାନ କରାଯାଇ ପାରୁ ନାହିଁ, ବରଂ ତାହା ଆହୁରି ବଢି ଚାଲିଛି ।

ପୁଞ୍ଜିବାଦୀ ଅର୍ଥନୀତି ଆଜି ମୁମୂର୍ଷ, କ୍ଷୟିଷ୍ଣୁ, ମୃତପ୍ରାୟ। ଏହାର ସମାଧାନ କରିବା ଭଳି ଉପାୟ ପୁଞ୍ଜିବାଦ ହାତରେ ନାହିଁ। ଏହାର ସମାଧାନ ଏକମାତ୍ର ଏହାକୁ ଭାଙ୍ଗିବାର ମଧ୍ୟ ଦେଇ କରିହେବ। ସମାଜର ପ୍ରଗତିର ସ୍ୱାର୍ଥରେ ପୁଞ୍ଜିବାଦୀ ବ୍ୟବସ୍ଥାକୁ ହଟେଇବାକୁ ହେବ। ସେହି କାମ ଶ୍ରମିକ ଶ୍ରେଣୀ ନେତୃତ୍ୱରେ ଶୋଷିତ,ବଂଚିତ,ନିପୀଡିତ ମଣିଷର ଦାୟିତ୍ୱ।

★ ★ ★

## ନୂତନ ଜାତୀୟ କୃଷି . . .

(୫ମ ପୃଷ୍ଠାର ଅବଶିଷ୍ଟାଂଶ)

କୃଷି ପଣ୍ୟ ବଜାରରେ କୃଷି ପଣ୍ୟ ବ୍ୟବସାୟ କରୁଥିବା ଏକଚାଟିଆ କର୍ପୋରେଟ ମାନଙ୍କ ପାଇଁ ଦେଶର କୃଷି ପଣ୍ୟ ବଜାର ଖୋଲି ଦିଆଗଲା। ପ୍ରଥମେ ଚାଷୀ ମାନଙ୍କୁ ନିଜ ଆଡ଼କୁ ଆକର୍ଷିତ କରିବାପାଇଁ ଏକଚାଟିଆ କୃଷି ପଣ୍ୟ କର୍ପୋରେଟ ମାନେ ସରକାରୀ ମଣ୍ଡି ଅପେକ୍ଷା ସାମାନ୍ୟ ଅଧିକ ଦର ଦେଇ ଫସଲ ଖରିଦ କରିବା ଆରମ୍ଭ କଲେ। ଏହା ଫଳରେ ସରକାରୀ ମଣ୍ଡି ପାଇଁ ଲାଇସେନ୍ସ ପାଇଥିବା ବ୍ୟବସାୟୀମାନେ ବିକ୍ରେତା ନପାଇ କ୍ଷତିଗ୍ରସ୍ତ ହେଲେ ଏବଂ ଏପିଏମସି ମଣ୍ଡି ଗୁଡିକ ଅବ୍ୟବହୃତ ହୋଇ ପଡ଼ିଲା। ଫଳରେ ଏହି ମଣ୍ଡିରେ ବହୁକାଳ ଧରି ବ୍ୟବସାୟ କରୁଥିବା ଛୋଟ ବ୍ୟବସାୟୀ ମାନେ କାର୍ଯ୍ୟତଃ ନିଶ୍ଚିହ୍ନ ହୋଇଗଲେ। ଏହି ପ୍ରକ୍ରିୟାକୁ ସେତେବେଳେ ବଣ୍ଟନ ଚେନ୍‌କୁ ଛୋଟ କରାଯିବା (Downsizing of distribution chain) ବୋଲି ସରକାରଙ୍କ ପକ୍ଷରୁ ପ୍ରକାଶ କରାଯାଇଥିଲା। ତେବେ ଏହି ପ୍ରକ୍ରିୟାରେ ସମଗ୍ର ଦେଶର ଫସଲ ଖରିଦ ବ୍ୟବସ୍ଥା କାର୍ଯ୍ୟତଃ ଏକଚାଟିଆ ପୁଞ୍ଜିପତି ମାନଙ୍କ ଦ୍ୱାରା କବଳିତ ହେଲା।

୨୦୧୪ ମସିହାରେ ବିଜେପି ନେତୃତ୍ୱରେ ପରିଚାଳିତ ସରକାର କେନ୍ଦ୍ରରେ କ୍ଷମତାସୀନ ହେବାପରେ ଏହି ପ୍ରକ୍ରିୟାକୁ ଆହୁରି ତ୍ୱରାନ୍ୱିତ କଲା। ଏହା ଫଳରେ ଦେଶର ଚାଷୀ ମାନଙ୍କ ଅବସ୍ଥା ଆହୁରି ସାଙ୍ଘାତିକ ହୋଇ ପଡ଼ିଲା। ବର୍ତ୍ତମାନ କେନ୍ଦ୍ର ବିଜେପି ସରକାର ଧାନ, ଗହମ, ସବୁ ପ୍ରକାର ଡାଲି, ଖାଇବା ତେଲ, ପନିପରିବା, ଦୁଧ, ମାଂସ ଇତ୍ୟାଦି ସବୁକିଛିକୁ ଏକଚାଟିଆ ପୁଞ୍ଜିପତି ମାନଙ୍କ ହାତକୁ ଟେକି ଦେବାପାଇଁ ଏକ ବ୍ୟାପକ ଓ ସର୍ବଦିଗବ୍ୟାପୀ ପରିକଳ୍ପନା ଗ୍ରହଣ କରିଛନ୍ତି। ଏହି ପରିକଳ୍ପନା ହେଉଛି ସଂପ୍ରତି ଜାରି କରାଯାଇଥିବା ଚିଠାର ମୂଳ କଥା। କେବଳ ସେତିକି ନୁହେଁ ଆଧୁନିକିକରଣ ନାଁରେ ସରକାର ସମଗ୍ର ଏପିଏମସି ମଣ୍ଡି ବ୍ୟବସ୍ଥାକୁ ବହୁ ଜାତୀୟ କମ୍ପାନୀ ମାନଙ୍କ ହାତକୁ ଟେକି ଦେବାକୁ ଉଦ୍ୟମ କରୁଛନ୍ତି। ଏପରିକି ଦେଶରେ ଥିବା ପ୍ରାୟ ୨୯,୦୦୦ ଗ୍ରାମୀଣ ହାଟକୁ ମଧ୍ୟ ବହୁ ଜାତୀୟ କମ୍ପାନୀ ମାନଙ୍କ ହାତକୁ ଟେକିଦେବାକୁ କେନ୍ଦ୍ର ସରକାର ଉଦ୍ୟମ କରୁଛନ୍ତି। ଏହାର ଅର୍ଥ ହେଉଛି କେନ୍ଦ୍ର ବିଜେପି ସରକାର କୃଷି ପଣ୍ୟର ସର୍ବାତ୍ମକ ଘରୋଇକରଣ ଦିଗରେ ଦୃତ ଅଗ୍ରସର ହେଉଛନ୍ତି।

### ସ୍ୱାଧୀନତା ପର ଠାରୁ ଦେଶରେ କେବେବି ଚାଷୀ ସ୍ୱାର୍ଥରେ ଫସଲ ଖରିଦ୍ ବ୍ୟବସ୍ଥା ପ୍ରଚଳିତ ହୋଇନାହିଁ

ସ୍ୱାଧୀନତା ପରଠାରୁ ଯେଉଁ ବିଷୟ ଚାଷୀ ମାନଙ୍କ ପାଇଁ ଦୁଃଖର କାରଣ ହେଇଛି ତା ହେଉଛି ନିଜ ଫସଲକୁ ଉପଯୁକ୍ତ ଦରରେ ବିକ୍ରି କରିବାର ସୁଯୋଗର ଅଭାବ। ସଂପ୍ରତି ପଂଚାୟତ ମୁଖ୍ୟ, ଦୁର୍ନୀତିଗ୍ରସ୍ତ ସରକାରୀ ଅଧିକାରୀ, ଶାସକ ଦଳର ସ୍ଥାନୀୟ ନେତୃବୃନ୍ଦ, ଠିକାଦାର, ଦଲାଲ, କଳାବଜାରୀ, ଘରୋଇ ବ୍ୟବସାୟୀ ମାନଙ୍କ ଏଜେଣ୍ଟଙ୍କ ମଧ୍ୟରେ ଗଢ଼ି ଉଠିଥିବା ଅସାଧୁ ମେଣ୍ଟଦ୍ୱାରା ଚାଷୀ ଶୋଷିତ ହେଉଛି ଏବଂ ଉତ୍ପାଦନ ପାଇଁ ଖର୍ଚ୍ଚ କରିଥିବା ଟଙ୍କାଠାରୁ କମ୍ ଟଙ୍କାରେ ନିଜର ଫସଲ ବିକ୍ରି କରିବାକୁ ବାଧ ହେଉଛି। ଏହା ଫଳରେ ଚାଷୀ ଦଶନ୍ଧି ଦଶନ୍ଧି ଧରି କ୍ଷତିଗ୍ରସ୍ତ ହେଉଛି। ଗୋଟିଏ ହିସାବ ଅନୁଯାୟୀ ଫସଲ ଉତ୍ପାଦନ କରିବାପାଇଁ ଚାଷୀ କରୁଥିବା ଖର୍ଚ୍ଚର ଶତକଡା ୫୧ ଭାଗ ଦରରେ ଚାଷୀ ଫସଲ ବିକ୍ରି କରିବାକୁ ବାଧ ହୁଏ। ଅର୍ଥାତ୍ ଚାଷୀ ଶତକଡା ୪୯ ଭାଗ କ୍ଷତି ସହେ। ମାତ୍ର ବ୍ୟବସାୟୀ ମାନେ ଶତକଡା ୩୧ ଭାଗ ନେଇଯାଆନ୍ତି ଓ ଫସଲ ବିକ୍ରି ପାଇଁ ବାକି ଶତକଡା ୧୬ ଭାଗ ଖର୍ଚ୍ଚ ହୁଏ। ପନିପରିବା ଓ ଫଳ ଚାଷରେ ଚାଷୀ ଆହୁରି ଅଧିକ କ୍ଷତି ସହୁଥିବା ବେଳେ ବ୍ୟବସାୟୀ ମାନଙ୍କ ମୁନାଫା ବହୁଗୁଣ। ଏହି କାରଣରୁ ଚାଷୀ ଚାଷ ପାଇଁ ମୁଖ୍ୟତଃ ମହାଜନ ମାନଙ୍କଠାରୁ କରୁଥିବା ଋଣ ପରିଶୋଧ କରିପାରେନାହିଁ ଏବଂ ଋଣ ଯନ୍ତାରେ ପଡ଼ି ଆତ୍ମହତ୍ୟା କରିବାକୁ ବାଧ ହୁଏ।

କ୍ରମଶଃ.......

Regd.No-ORI ORI/2011/37220 • VOL.NO. 12, ISSUE NO. 03 • ମୂଲ୍ୟ-୫ଟଙ୍କା

# ନୂଆ ଶିକ୍ଷାନୀତି-୨୦୨୦ ଲାଗୁ କରିବାପାଇଁ ରାଜ୍ୟ ସରକାରଙ୍କ ନୋଟିସକୁ ଏଆଇଡିଏସଓର ତୀବ୍ର ବିରୋଧ











ସ୍କୁଲ ସ୍ତରରେ ଏନଇପି ୨୦୨୦ ଲାଗୁ କରିବା ପାଇଁ ରାଜ୍ୟ ସରକାରଙ୍କ ନିଷ୍ପତ୍ତି ପ୍ରତିବାଦରେ ଏବଂ ଏନଇପି-୨୦୨୦ ବାତିଲ ଦାବିରେ ରାଜ୍ୟର ବିଭିନ୍ନ ଅଂଚଳରେ ଏଆଇଡିଏସଓ ପକ୍ଷରୁ ବିକ୍ଷୋଭ ଏବଂ ଏ ସମ୍ପର୍କରେ ଜାରୀ କରାଯାଇଥିବା ସରକାରୀ ନୋଟିସ ଦହନ କରାଯାଇଛି । ଯାଜପୁର ଜିଲ୍ଲାର ବିଭିନ୍ନ ଅଂଚଳରେ ଆୟୋଜିତ କାର୍ଯକ୍ରମକୁ ଏଆଇଡିଏସଓ ରାଜ୍ୟ ଉପସଭାପତି କମ୍ରେଡ଼ ନିରୁପମା ବେହେରା, ଯାଜପୁର ଜିଲ୍ଲା ସଭାପତି କମ୍ରେଡ଼ ସଂଯୁକ୍ତା ସାହୁ, ପ୍ରଭାତୀ ମଲ୍ଲିକ ପ୍ରମୁଖ ନେତୃତ୍ୱ ଦେଇଥିଲେ । ଏଆଇଡିଏସଓ ଗଞ୍ଜାମ ଜିଲ୍ଲା କମିଟି ତରଫରୁ ଖଲ୍ଲିକୋଟ ବିଶ୍ୱବିଦ୍ୟାଳୟ ସମ୍ମୁଖରେ ଅନୁଷ୍ଠିତ କାର୍ଯକ୍ରମକୁ ଜିଲ୍ଲା କମିଟିର ସଭାପତି କମ୍ରେଡ଼ ନିମାଇଁ ଚରଣ ସାହୁ, ସମ୍ପାଦକ କମ୍ରେଡ଼ ନାରାୟଣ ସାହୁ, ଉପ-ସଭାପତି କମ୍ରେଡ଼ ପପୁନ ସାହୁ, ଅଫିସ ସମ୍ପାଦକ କିସାନ କୁମାର ସାହୁ ପ୍ରମୁଖ ନେତୃତ୍ୱ ଦେଇଥିଲେ । ଅନୁଗୁଳ ଜିଲ୍ଲା କମିଟିର ସମ୍ପାଦକ କମ୍ରେଡ଼ ନାରାୟଣ ନାୟକ, ଜିଲ୍ଲା କମିଟି ସଭ୍ୟା ସରୋଜିନୀ ବେହେରା, ନିରୁପମା ନାୟକଙ୍କ ନେତୃତ୍ୱରେ ଅନୁଗୁଳ ମହାବିଦ୍ୟାଳୟ ସମ୍ମୁଖରେ ସରକାରଙ୍କ ପ୍ରତିବାଦରେ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା । ଜାନୁଆରୀ ୨୦ ତାରିଖରେ ସଙ୍ଗଠନର ମୟୁରଭଞ୍ଜ ଜିଲ୍ଲା କମିଟି ସମ୍ପାଦକ ଫୁଲଚାନ୍ଦ ଲୋହାର ଏବଂ ଅଫିସ ସମ୍ପାଦକ ଯତୀନ ବାନରାଙ୍କ ନେତୃତ୍ୱରେ ବାରିପଦା ଡିଗ୍ରୀ କଲେଜ ସମ୍ମୁଖରେ ପ୍ରତିବାଦ ସଭା ଓ ନୋଟିସ ଦହନ କରାଯାଇଥିଲା । ଜାନୁୟାରୀ ୨୯ ରେ ମୟୁରଭଞ୍ଜ ଜିଲ୍ଲା ଅଫିସ ସମ୍ପାଦକ କମ୍ରେଡ଼ ଯତୀନ ବାନରାଙ୍କ ନେତୃତ୍ୱରେ ଉଦଳା ଡିଗ୍ରୀ କଲେଜ ସମ୍ମୁଖରେ ପ୍ରତିବାଦ ସହ ସ୍କୁଲ ଓ ଗଣଶିକ୍ଷା ବିଭାଗର ନୋଟିସ ଦହନ କରାଯାଇଥିଲା ।

## ସାରା ଓଡିଶା ନେତାଜୀ ସୁଭାଷ ଜୟନ୍ତୀ କମିଟି ପକ୍ଷରୁ କଟକରେ ସାଧାରଣ ସଭା




ନେତାଜୀ ଜୟନ୍ତୀ ଅବସରରେ ସାରା ଓଡିଶା ନେତାଜୀ ସୁଭାଷ ଜୟନ୍ତୀ କମିଟି, କଟକ ଜିଲ୍ଲା ପକ୍ଷରୁ କଟକର ଟାଉନହଲଠାରେ ଏକ ସାଧାରଣ ସଭା ଅନୁଷ୍ଠିତ ହୋଇଯାଇଛି । ଏହି ସଭାର ଉଦ୍‌ଘାଟକ ଭାବେ ଓଡିଶା ହାଇକୋର୍ଟର ବରିଷ୍ଠ ଆଇନଜୀବୀ ତଥା ସେଂଟ୍ରାଲ ଆଡମିନିଷ୍ଟ୍ରେଟିଭ ଟ୍ରିବ୍ୟୁନାଲର ପୂର୍ବତନ ଭାଇସ-ଚେୟାରମ୍ୟାନ ଶ୍ରୀଯୁକ୍ତ ମନୋରଞ୍ଜନ ମହାନ୍ତି, ବିଶିଷ୍ଟ ଶିଶୁ ଶଲ୍ୟ ବିଶେଷଜ୍ଞ ପ୍ରଫେସର କନିଷ୍କ ଦାସ, ହାଇକୋର୍ଟର ବରିଷ୍ଠ ଆଇନଜୀବୀ ଶ୍ରୀଯୁକ୍ତ ଗୌତମ ମୁଖାର୍ଜୀ, ରେଭେନ୍ସା ବିଶ୍ୱବିଦ୍ୟାଳୟର ଇତିହାସ ବିଭାଗର ମୁଖ୍ୟ ଡକ୍ଟର ପ୍ରିୟଦର୍ଶୀ କର ଏବଂ ସାରା ଓଡିଶା ନେତାଜୀ ସୁଭାଷ ଜୟନ୍ତୀ କମିଟିର ରାଜ୍ୟ ସଂପାଦକ ଶ୍ରୀଯୁକ୍ତ ବିଶ୍ୱାବାସୁ ଦାସ ବକ୍ତବ୍ୟ ରଖିଥିଲେ । ଅନ୍ୟମାନଙ୍କ ମଧ୍ୟରେ ଶିକ୍ଷାବିତ୍ ବିଦ୍ୟୁତ୍ କୁମାରୀ ଲାଲା, ଡକ୍ଟର ଅର୍ଜୁନ ବିଶ୍ୱାଳ, ରଞ୍ଜନ ଲେଙ୍କା,ସାମାଜିକ କର୍ମୀ ଡଲି ଦାସ ପ୍ରମୁଖ ଯୋଗ ଦେଇଥିଲେ । କମିଟିର ଜିଲ୍ଲା ସଭାପତି ଡକ୍ଟର ଦେବାଶିଷ ଆଚାର୍ଯ୍ୟ ସଭାପତିତ୍ୱ କରିଥିଲେ । ସଂପାଦିକା ବବି ବଳବନ୍ତରାୟ କାର୍ଯ୍ୟକ୍ରମର ବିବରଣୀ ପ୍ରଦାନ କରିଥିଲେ । ବିଶିଷ୍ଟ ସାମାଜିକ କର୍ମୀ ମଞ୍ଜୁଲତା ଜେନା ଧନ୍ୟବାଦ ଅର୍ପଣ କରିଥିଲେ । ଏହି ସଭାରେ ଶିକ୍ଷାବିତ୍ ଡକ୍ଟର ସିଦ୍ଧାର୍ଥ ଭରଦ୍ୱାଜ, ଡକ୍ଟର ବିଜୟଲକ୍ଷ୍ମୀ ଦାଶ, ହୃଷୀକେଶ ବଳ, ଡକ୍ଟର କବିତା ସେନାପତି, ସାମାଜିକ କର୍ମୀ ଶର୍ମିଷ୍ଠା ନାଥ, ଆଇନଜୀବୀ ସତ୍ୟ ଗୋପାଳ ପରିଜା, ସାହିତ୍ୟିକ ଅକ୍ଷୟ ରାଉଳ, ଅର୍ଜୁନ ଜେନା, ଚିତ୍ରଶିଳ୍ପୀ ଶୁଭ୍ରା ରୟ, ଶ୍ରୀଯୁକ୍ତ କଲ୍ୟାଣ ଦତ୍ତ, କମିଟିର କୋଷାଧକ୍ଷ ବିନୋଦ ସେଠୀ ପ୍ରମୁଖଙ୍କ ସମେତ ବିଭିନ୍ନ ଶିକ୍ଷାନୁଷ୍ଠାନର ଶିକ୍ଷକ,ଅଧ୍ୟାପକ, ଛାତ୍ରଛାତ୍ରୀ, ବହୁ ବିଶିଷ୍ଟ ବ୍ୟକ୍ତି ଉପସ୍ଥିତ ଥିଲେ । ଏହି ସଭା ଶେଷରେ ପୂର୍ବରୁ ଆୟୋଜିତ ପ୍ରତିଯୋଗିତାରେ ଅଂଶଗ୍ରହଣ କରିଥିବା ଛାତ୍ରଛାତ୍ରୀଙ୍କୁ ସାର୍ଟିଫିକେଟ ପ୍ରଦାନ କରାଯାଇଥିଲା ଏବଂ କୃତୀ ଛାତ୍ରଛାତ୍ରୀଙ୍କୁ ପୁରସ୍କୃତ କରାଯାଇଥିଲା ।



## କଣିହାଁଠାରେ କିଶୋର ସଂଗଠନ କମସୋମୋଲର ବାର୍ଷିକ ସାଂସ୍କୃତିକ ମିଳନ





କିଶୋର ସଗଠନ କମସୋମୋଲ, କଣିହାଁ ଶାଖା ପକ୍ଷରୁ ଡିସେମ୍ବର ୩୧ ତାରିଖରେ ଗଦାଶିଳାସ୍ଥ ବାଜିରାଉତ ସ୍ମୃତି ପାଠାଗାରଠାରେ ବାର୍ଷିକ ସାଂସ୍କୃତିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି । ଏହି ଅବସରରେ କୁନିକୁନି ପିଲାମାନଙ୍କୁ ନେଇ ବେଲୁନ ରେସ, ଜିଲାପି ଖିଆ, ମ୍ୟୁଜିକ ଚେୟାର, ଗଣିତ ରେସ, ସଙ୍ଗୀତ, ପ୍ରବନ୍ଧ ଲିଖନ ଓ ବକ୍ତୃତା ପ୍ରତିଯୋଗିତାମାନ ଅନୁଷ୍ଠିତ ହୋଇଥିଲା । ପରେ କମସୋମଲର କଣିହାଁ ଶାଖାର ସଭାପତି ତେଜସ୍ୱ ନାଏକଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ମୁଖ୍ୟ ଅତିଥି ଭାବେ ନବକୃଷ୍ଣ ଚୌଧୁରୀ ସ୍ମୃତି ପାଠାଗାର, ଅନୁଗୋଳର ସଂପାଦକ ନବକିଶୋର ପ୍ରଧାନ, ମୁଖ୍ୟ ବକ୍ତାଭାବେ ବାଜିରାଉତ ସ୍ମୃତି ପାଠାଗାର, ଗଦାଶିଳାର ଆବାହକ ଜୟସେନ ମେହେର, ସମ୍ମାନୀତ ଅତିଥି ଭାବେ କମସୋମୋଲର ଜିଲ୍ଲା ସଭାପତି ନାରାୟଣ ନାୟକ, ଏଆଇଡିଏସ୍‌ଓର ଜିଲ୍ଲା ସଭାପତି ପରମାନନ୍ଦ ସାହୁ ଯୋଗ ଦେଇଥିଲେ । ପ୍ରାରମ୍ଭରେ କମସୋମୋଲର ପ୍ରାଣ ପ୍ରତିଷ୍ଠାତା ଏ ଯୁଗର ବିଶିଷ୍ଟ ମାର୍କ୍ସବାଦୀ ଦାର୍ଶନିକ ମହାନ ଚିନ୍ତାନାୟକ କମ୍ରେଡ଼ ଶିବଦାସ ଘୋଷଙ୍କ ଫଟୋଚିତ୍ରରେ ମାଲ୍ୟାର୍ପଣ ଏବଂ ତାଙ୍କ ଉପରେ ରଚିତ ସଙ୍ଗୀତ ଗାନ କରାଯାଇଥିଲା । ପାଠପଢା ସହିତ ବିଭିନ୍ନ ମହାମନୀଷୀମାନଙ୍କ ଜୀବନରୁ ଶିକ୍ଷାଗ୍ରହଣ କରି ଉନ୍ନତ ରୁଚି ସଂସ୍କୃତି ଆଧାରରେ ନିଜକୁ ମଣିଷ ଭାବେ ଗଢି ତୋଳିବାକୁ ବକ୍ତା ଓ ଅତିଥିମାନେ ଛାତ୍ରଛାତ୍ରୀମାନଙ୍କୁ ଆହ୍ୱାନ ଦେଇଥିଲେ । ଏହି ସଭାରେ କୃତୀ ପ୍ରତିଯୋଗୀମାନଙ୍କୁ ପୁରସ୍କୃତ କରାଯାଇଥିଲା ।

## ଛାତ୍ର, ଯୁବ ଓ ମହିଳା ସଂଗଠନ ପକ୍ଷରୁ ରାଉରକେଲାଠାରେ ନେତାଜୀ ଜୟନ୍ତୀ ପାଳିତ




ସେକ୍ଟର ୬ ବସ୍ତିଆ ଭବନରେ ଏଆଇଡିୱାଇଓ, ଏଆଇଡିଏସଓ ଏବଂ ମହିଳା ସାଂସ୍କୃତିକ ସଂଗଠନ ରାଉରକେଲା କମିଟି ତରଫରୁ ନେତାଜୀ ସୁଭାଷ ବୋଷଙ୍କ ୧୨୮ ତମ ଜୟନ୍ତୀ ଓ ପୁରସ୍କାର ବିତରଣ ସମାରୋହ ଅନୁଷ୍ଠିତ ହୋଇଥିଲା । ଯୁବ ସଂଗଠକ କମ୍ରେଡ୍ ଧୋବେଇ ବେହେରାଙ୍କ ସଭାପତିତ୍ୱରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଦୈନିକ ସମାଜର ବରିଷ୍ଠ ସାମ୍ବାଦିକ ଶ୍ରୀ ସତ୍ୟାନନ୍ଦ ବେହେରା ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ । ଏଆଇଏମ୍‌ଏସ୍‌ଏସ୍‌ର ସର୍ବଭାରତୀୟ ସାଧାରଣ ସମ୍ପାଦିକା ଛବି ମହାନ୍ତି, ଏଆଇଡିଏସଓର ରାଜ୍ୟ ସମ୍ପାଦକମଣ୍ଡଳୀ ସଦସ୍ୟ ନାରାୟଣ ନାୟକ, ଏଆଇଡିୱାଇଓ ସୁନ୍ଦରଗଡ ଜିଲ୍ଲା ସମ୍ପାଦକ ଶେଖ ଇସଲାମ ପ୍ରମୁଖ ଯୋଗଦେଇ ନେତାଜୀଙ୍କ ସ୍ମୃତିଚାରଣ କରିଥିଲେ ଏବଂ ନେତାଜୀଙ୍କ ଅପୁରିତ ସ୍ୱପ୍ନକୁ ସାକାର କରିବାକୁ ଆହ୍ୱାନ ଦେଇଥିଲେ । ପୂର୍ବରୁ ଅନୁଷ୍ଠିତ ପ୍ରତିଯୋଗିତାର କୃତୀ ଛାତ୍ରଛାତ୍ରୀମାନଙ୍କୁ ପୁରସ୍କାର ବିତରଣ କରଯାଇଥିଲା । ଏସ୍‌ୟୁସିଆଇ(ସି) ଜିଲ୍ଲା ସମ୍ପାଦକ କମ୍ରେଡ୍ ଅଜିତ ନାୟକ, ପାର୍ଟିର ବରିଷ୍ଠ ସଦସ୍ୟ ଓ ସାହିତ୍ୟିକ ଗଗନ ବିହାରୀ ଧଳଙ୍କ ସମେତ ବହୁ ବୁଦ୍ଧିଜୀବୀ, ଅଭିଭାବକ, ଛାତ୍ର ଯୁବକ ମାନେ ଉପସ୍ଥିତ ଥିଲେ । ବିଦ୍ୟୁତ ମହାନ୍ତ, ଆଲୋକ ବେହେରା ମଂଚାସୀନ ଥିଲେ । ବିଜୟ ସାହୁ, ସୁବାସ ଦଣ୍ଡପାଟ,ସଂଗ୍ରାମ ପରିଡ଼ା ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ ।

## ଖୋର୍ଦ୍ଧା ବସ୍ତି ବିକାଶ ସଂଗଠନ ପକ୍ଷରୁ ସଭା



ଖୋର୍ଦ୍ଧା ଗାନ୍ଧି ପଡିଆ କ୍ଲବ ଠାରେ ୨୦ ଟି ବସ୍ତି ଲୋକଙ୍କୁ ନେଇ ଏକ ସଭା ଅନୁଷ୍ଠିତ ହୋଇଥିଲା । ବସ୍ତି ଗୁଡ଼ିକର ଉନ୍ନୟନ ପାଇଁ ମୁଖ୍ୟତଃ ୩ଟି ବିଷୟ ଉପରେ ଆଲୋଚନା କରାଯାଇ ଥିଲା । ପ୍ରଥମତଃ ଜମି ପଟ୍ଟା ପାଇନଥିବା ବସ୍ତିବାସିନ୍ଦା ମାନଙ୍କୁ ପଟ୍ଟା ଯୋଗାଇ ଦେବା । ଦ୍ୱିତୀୟତଃ ବସ୍ତି ମାନଙ୍କରେ ଲାଇଟ, ପାଣି, ଶୌଚାଳୟ ନିର୍ମାଣ ସଂଗେ ସଂଗେ ସମସ୍ତ ବସ୍ତି ବାସିନ୍ଦାଙ୍କୁ ପ୍ରଧାନମନ୍ତ୍ରୀ ଆବାସ ଯୋଜନାର ଅନ୍ତର୍ଭୁକ୍ତ କରିବା । ତୃତୀୟତଃ, ବସ୍ତି ବାସିନ୍ଦା ମାନଙ୍କୁ ଦିଆଯାଇଥିବା ଜମି ପଟ୍ଟା ରେକର୍ଡ ଭୁକ୍ତ କରିବା ଓ ବସ୍ତିରେ ରହୁଥିବା ପିଲାମାନଙ୍କୁ ରେସିଡ଼େନ୍ସିଆଲ ସାର୍ଟିଫିକେଟ ଓ ଜାତିପ୍ରମାଣ ପତ୍ର ପ୍ରଦାନ ପାଇଁ ବ୍ୟବସ୍ଥା କରିବା । ଏହି ଦାବିରେ ଜିଲ୍ଲାପାଳଙ୍କୁ ଦାବିପତ୍ର ପ୍ରଦାନ କରାଯିବା ସମ୍ପର୍କରେ ଆଲୋଚନା କରାଯାଇ ଥିଲା । ସଭାରେ ସଂଗଠନର ସଭାପତି ଅଶୋକ ସାହୁ,ଉପ ସଭାପତି ଜିତେନ୍ଦ୍ର ବେହେରା, ବନମାଳୀ ସାହୁ ,ବିଜୟ ପାତ୍ର, ସଂପାଦକ କାର୍ତ୍ତିକ ଘଡେଇ, ଅଜିମ୍ ଖାନ, ଲକ୍ଷ୍ମୀଧର ଦାଶ, ଅଶୋକ ସେଠୀ, ଶରତ ମହାରଣା, ରିତା ସାହୁ, ତିଳୋତ୍ତମା ବେହେରା, ପ୍ରଫୁଲ୍ଲ ସାହୁଙ୍କ ସମେତ ଶତାଧିକ ବସ୍ତି ବାସିନ୍ଦା ଉପସ୍ଥିତ ଥିଲେ ।

★★★

Printed,Published and owned by Sri Bishnu Das, Printed at Serene Graphics,337-Jagannath Vihar, Lane-12,Baramunda, BBSR-3 and Published at plot No. 61/2082, Gangotrinagar, Bhubaneswar-2. District Khurda, Odisha E-mail: sarbaharakranti@yahoo.co.in, sarbaharakranti@gmail.com, Website : sarbaharakranti.org
Editor : Bishnu Das